ସାପ୍ତାହିକ ସ୍ୱୀକାର
Postal Regd. No.: SBP/RN-01/2022-2024
The Sweekar स्वीकार
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ୰ ଶରତ ନାରାୟଣ ବେହେରା
RNI No. 66443/94
Vol.28 | Issue - 6 | 11 - 17 February 2024 | Sambalpur | Page- 8 | Invitation Price Rs.10

# ସ୍ଥାୟୀତ୍ୱ ବିହୀନ ବିକାଶ ନିରର୍ଥକ: ଡକ୍ଟର ପି.କେ. ମିଶ୍ର









ବୁର୍ଲା : ୨୦୪୭ ସୁଦ୍ଧା ଭାରତକୁ ଏକ ବିକଶିତ ରାଷ୍ଟ୍ର ରୂପେ ଗଢ଼ିବା ପାଇଁ ଲକ୍ଷ୍ୟ ରଖା ଯାଇଛି । ତେଣୁ ଆମକୁ ଦ୍ରୁତ ଗତିରେ ବିକାଶ କରିବାକୁ ପଡିବ । ଏହି ବିକାଶ ଯଦି ଦୀର୍ଘସ୍ଥାୟୀ ନ ହୁଏ, ତେବେ ତାହା ସମ୍ପୂର୍ଣ୍ଣ ନିରର୍ଥକ ବୋଲି



ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଡକ୍ଟର ପ୍ରମୋଦ କୁମାର ମିଶ୍ର କହିଛନ୍ତି ।

ସମ୍ବଲପୁର ବିଶ୍ୱବିଦ୍ୟାଳୟ ପରିସରରେ ଥିବା ବିଜୁ ପଟ୍ଟନାୟକ ଅଡିଟୋରିୟମରେ ଆୟୋଜିତ ଓଡ଼ିଶା ଇକୋନୋମିକ୍ ଏସୋସିଏସନ୍‌ର ୫୬ ତମ ବାର୍ଷିକ ସମ୍ମିଳନୀକୁ ଉଦ୍‌ଘାଟନ କରି ଡକ୍ଟର ମିଶ୍ର କହିଥିଲେ ଯେ, ବର୍ତ୍ତମାନ ବିକାଶ ପାଇଁ ଆମେ ଯେଉଁ ରଣନୀତିକୁ ଆପଣେଉଛେ ତାହା ଆଗାମୀ ଦୁଇ ଦଶନ୍ଧି ଧରି ପ୍ରାସଙ୍ଗିକ ରହିବ । ଭାରତର ବିକାଶ ପ୍ରକ୍ରିୟାରେ ମହିଳାମାନେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବେ । ବିକଶିତ ରାଷ୍ଟ୍ର ଗଠନ କରିବାକୁ ହେଲେ କେବଳ ମୁଣ୍ଡପିଛା ଆୟ ଉପରେ ଗୁରୁତ୍ୱ ନ ଦେଇ ସମସ୍ତ ଦିଗ ପ୍ରତି ଯତ୍ନବାନ ହେବାକୁ ପଡିବ । ଉନ୍ନତ ରାଷ୍ଟ୍ରରେ ଦୁର୍ନୀତି, ଜାତିବାଦ ଓ ସାମ୍ପ୍ରଦାୟିକତାର ସ୍ଥାନ ନାହିଁ ବୋଲି ଡକ୍ଟର ମିଶ୍ର କହିଛନ୍ତି ।

ଏସୋସିଏସନ୍‌ର ସଭାପତି ଡକ୍ଟର ଯୁଗଳ କିଶୋର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ସମ୍ବଲପୁର ବିଶ୍ୱ-ବିଦ୍ୟାଳୟର ପ୍ରଫେସର ସଂଯୁକ୍ତା ଦାଶ ସ୍ୱାଗତ

## ଓଡ଼ିଶା ଇକୋନୋମିକ ଏସୋସିଏସନର ୫୬ ତମ ବାର୍ଷିକ ସମ୍ମିଳନୀ

ଭାଷଣ, ଏସୋସିଏସନର ସଂପାଦକ ଡକ୍ଟର ଅମରେନ୍ଦ୍ର ଦାଶ ସମ୍ମିଳନୀର ବିଷୟ ବସ୍ତୁ ଉପରେ ଆଲୋଚନା କରିଥିଲେ । ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ର ମଧ ଏଥିରେ ଉଦ୍‌ବୋଧନ ଦେଇଥିଲେ । ଏହି ଅବସରରେ ପ୍ରକାଶିତ ପୁସ୍ତକ ଏବଂ ପ୍ରଫେସର ଆଲୋକ କୁମାର ମିଶ୍ରଙ୍କ ରଚିତ ପୁସ୍ତକକୁ ଡକ୍ଟର ମିଶ୍ର ଉନ୍ମୋଚନ କରିଥିଲେ । ବିଶ୍ୱବିଦ୍ୟାଳୟର କୁଳସଚିବ ଡକ୍ଟର ନୃପରାଜ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

'ଏକ ଅନିଶ୍ଚିତ ଦୁନିଆରେ ଦୀର୍ଘସ୍ଥାୟୀ ବିକାଶର ରାସ୍ତା' ଏବଂ 'ଓଡ଼ିଶାର ସାମାଜିକ କ୍ଷେତ୍ରରେ ମୁଣ୍ଡ ଟେକୁଥିବା ସମସ୍ୟା' ସମ୍ମିଳନୀର ବିଷୟ ବସ୍ତୁ ରହିଛି । ଉଦ୍‌ଘାଟନୀ ଉତ୍ସବ ପରେ ପ୍ରଫେସର ମନୋଜ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ସମ୍ମିଳନୀର ବିଷୟବସ୍ତୁ ଉପରେ ପ୍ରଫେସର ଏମ୍. ଗୋବିନ୍ଦ ରାଓ ଭିତ୍ତି ପ୍ରବନ୍ଧ ଉପସ୍ଥାପନ କରିଥିଲେ । ଏହାଛଡ଼ା ବିଭିନ୍ନ ବୈଷୟିକ ଅଧିବେଶନରେ ପ୍ରଫେସର ସୁଧାଂଶୁ ଶେଖର ରଥ, ପ୍ରଫେସର ଦୀପକ କୁମାର ମିଶ୍ର, ପ୍ରଫେସର ରତିକାନ୍ତ କୁମ୍ଭାର ଓ ପ୍ରଫେସର ସଦାନନ୍ଦ ନାୟକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

ଏହି ଉତ୍ସବରେ ସମ୍ବଲପୁର ଆଇଆଇଏମର ନିର୍ଦ୍ଦେଶକ ପ୍ରଫେସର ମହାଦେଓ ଜୟସ୍ୱାଲ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଏନ୍.ନାଗାରାଜୁ, ଆୟକର ବିଭାଗର ଅବସରପ୍ରାପ୍ତ କମିଶନର ପ୍ରଫୁଲ୍ଲ କୁମାର ଦାଶ, ଉତ୍ତରାଞ୍ଚଳ ଆଇ.ଜି. ହିମାଂଶୁ ଲାଲ, ଏସ୍.ପି ଏମ୍.କେ. ଭାମୁଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଓ ଶିକ୍ଷାବିତ ଉପସ୍ଥିତ ଥିଲେ ।









## ଏ ସଂଖ୍ୟାରେ..



ସୁନିଦ୍ରା ଦିଏ କିଡ଼ନୀକୁ ସୁରକ୍ଷା



ଇମ୍ୟୁନିଟି ଷ୍ଟ୍ରଙ୍ଗ କରେ ଅଳେଇଚ



ହାଡ଼କୁ ମଜଭୁତ ରଖେ ଦହି



ସଢ଼ା କଦଳୀ ବି ହିତକାରୀ



ବିନ୍ସର ଔଷଧୀୟ ଗୁଣ



ଡାଳିମ୍ବର ଉପକାରିତା

# ୟୁପିଏ ଅମଳରେ ଦେଶର ଅର୍ଥ ବ୍ୟବସ୍ଥା ଠପ୍ ହୋଇ ଯାଇଥିଲା

ନୂଆଦିଲ୍ଲୀ: ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଲୋକସଭାରେ ଶ୍ୱେତପତ୍ର ଉପସ୍ଥାପନ କରିଛନ୍ତି । ୫୯ ପୃଷ୍ଠାର ଏହି ଶ୍ୱେତପତ୍ରରେ ୨୦୧୪ ପୂର୍ବରୁ ଭାରତୀୟ ଅର୍ଥ ବ୍ୟବସ୍ଥା କିଭଳି ଥିଲା ଏବଂ ୨୦୧୪ ପରେ କିଭଳି ରହିଛି, ସେ ବାବଦରେ ସୂଚନା ଦିଆଯାଇଛି । ନିଜର ୧୦ ବର୍ଷ ଶାସନ କାଳରେ ଉପା ସରକାର ଆର୍ଥିକ ପରିଚାଳନାରେ ବିଫଳ ହୋଇଥିଲା । ଏହାଯୋଗୁ ହୋଇଥିବା ବିପୁଳ ରାଜସ୍ୱ ହାନି ଦେଶର ଅର୍ଥ ବ୍ୟବସ୍ଥାକୁ ଠପ୍ କରିଦେଇଥିଲା ।

୨୦୧୪ରେ ଯେତେବେଳେ ଏନ୍‌ଡିଏ ସରକାର କ୍ଷମତା ଭାର ସମ୍ଭାଳିଲା, ଅର୍ଥ ବ୍ୟବସ୍ଥା କେବଳ ଖରାପ ସ୍ଥିତିରେ ନ ଥିଲା । ଏହାକୁ ସଜାଡ଼ିବା ପାଇଁ ଜଟିଳ ଚ୍ୟାଲେଞ୍ଜର ସାମ୍ନା କରିବାକୁ ପଡ଼ିଥିଲା । ବର୍ତ୍ତମାନ ଆମେ 'ଶ୍ରେଷ୍ଠ ୫' ଅର୍ଥ ବ୍ୟବସ୍ଥାରେ ସାମିଲ ହୋଇଛୁ ।

ଉପା ଶାସନ କାଳରେ ଦୁର୍ନୀତିରେ ଭରା ୧୨ ଦିବସୀୟ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜିତ ହୋଇଥିଲା । ଏବେ ଆମେ ୨୦୨୩ରେ ଏକ ବହୁତ ବଡ଼ ତଥା ବର୍ଷ ସାରା ଜି-୨୦ ଶିଖର ସମ୍ମିଳନୀ ସଫଳତାପୂର୍ବକ ଆୟୋଜନ କରିଛୁ । ଗ୍ରାମାଞ୍ଚଳରେ ବେକାରୀ ହାର ୨୦୧୭ରେ ୫.୩% ଥିଲା, ଯାହା ୨୦୨୩ରେ ୨.୪%କୁ ଖସିଛି ।

ଉପା ବେଳେ ଆମ ପାଖରେ ୨ଜି ସ୍କାମ୍ ଥିଲା । ଏବେ ଆମ ପାଖରେ ବିଶ୍ୱର ସବୁଠୁ ଦ୍ରୁତ ୫ଜି ସେବା ଉପଲବ୍ଧ । ସେତେବେଳେ ଆମ ସାମ୍ନାରେ କୋଇଲା ସ୍କାମ୍ ଥିଲା । ବର୍ତ୍ତମାନ ଆମେ ଅର୍ଥ ବ୍ୟବସ୍ଥା ଓ ସାର୍ବଜନିକ ଅର୍ଥକୁ ପ୍ରୋତ୍ସାହନ ଦେବା ପାଇଁ ପ୍ରାକୃତିକ ସମ୍ବଳଗୁଡ଼ିକର ଉଦ୍ଦେଶ୍ୟପୂର୍ଣ୍ଣ ନିଲାମୀ ପାଇଁ ଠୋସ୍ ବ୍ୟବସ୍ଥା ବନାଇଛୁ । ଉପା ବେଳେ ସରକାର କିଛି ନିର୍ଦ୍ଦିଷ୍ଟ ଲୋକଙ୍କୁ ସୁନା ଆମଦାନି ପାଇଁ ଲାଇସେନ୍ସ ପ୍ରଦାନ କରିଥିଲେ । ଏବେ ଆମେ ସୁନା ଆମଦାନି ପାଇଁ ଏକ ପାରଦର୍ଶୀ ବ୍ୟବସ୍ଥା ସହିତ ଏକ ବୁଲିଅନ୍ ଏକ୍ସଚେଞ୍ଜ ପ୍ରତିଷ୍ଠା କରିଛୁ ।

ଉପା ବେଳେ ଦେଶର ଅର୍ଥ ବ୍ୟବସ୍ଥା ବାଲାନ୍ସ ସିଟ୍ ସମସ୍ୟାର ସାମ୍ନା କରୁଥିଲା । ଆମେ ଅର୍ଥ ବ୍ୟବସ୍ଥା ଓ କମ୍ପାନି ସମେତ ବ୍ୟାଙ୍କିଙ୍ଗ୍ କ୍ଷେତ୍ରକୁ ବି ବାଲାନ୍ସ ସିଟ୍‌ରୁ ଲାଭ ଅଭିମୁଖେ ଗତିଶୀଳ କରାଇଛୁ । ସେତେବେଳେ ଦୁଇଅଙ୍କ ମୁଦ୍ରାଙ୍ଗୀତି ଥିଲା, ଯାହା ଏବେ ୫% ନିକଟତର ହୋଇଛି । ଉପା ବେଳେ ବିଦେଶୀ ମୁଦ୍ରା ସଂକଟ ଥିଲା । ଏବେ ଆମ ପାଖରେ ୬୨,୦୦୦ କୋଟି ଡଲାରରୁ ଅଧିକ ରେକର୍ଡ ବିଦେଶୀ ମୁଦ୍ରା ଭଣ୍ଡାର ରହିଛି ।

ଶ୍ୱେତପତ୍ରରେ ଆହୁରି କୁହାଯାଇଛି ଯେ କୋଇଲା କ୍ଷେତ୍ରକୁ ପ୍ରତିସ୍ପର୍ଦ୍ଧା ଓ ସ୍ୱଚ୍ଛତାଠାରୁ ବାହାରେ ରଖାଯାଇଥିଲା । ଏଜେନ୍ସି ଗୁଡ଼ିକ ତଦନ୍ତ କରିଥିଲେ ଏବଂ ୨୦୧୪ରେ ସୁ ପ୍ରି ମକୋର୍ଟ ୧୯୯୩ରୁ ଆବଣ୍ଟିତ ୨୦୪ କୋଇଲା ଖଣି । ବ୍ଲକ୍‌ର ଆବଣ୍ଟନ ରଦ୍ଦ କରିଦେଇଥିଲେ । ଉପା ସରକାରରେ ୧୨୨ ଟେଲିକମ୍ ଲାଇସେନ୍ସ ସହ ଜଡ଼ିତ ୨ଜି ସ୍ପେକ୍ଟ୍ରମ୍ ସ୍କାମ୍ ହୋଇଥିଲା । ଏହାଦ୍ୱାରା ୧.୭୬ ଲକ୍ଷ କୋଟି ଟଙ୍କା କ୍ଷତି ହୋଇଥିବା ସିଏଜି ଦର୍ଶାଇଥିଲେ । ରାଜ୍ୟଗୋଷ୍ଠୀ କ୍ରୀଡ଼ା ସ୍କାମ୍ ରାଜନୈତିକ ଅନିଶ୍ଚିତତା ବାତାବରଣର ସଂକେତ ଦେଇଥିଲା ।

ଏହି ଶ୍ୱେତପତ୍ରରେ କୁହାଯାଇଛି ଯେ ପୂର୍ବର ୟୁପିଏ ସରକାର ସମୟରେ ୨୦୦୯ରୁ ୨୦୧୪ ମଧ୍ୟରେ ମୁଦ୍ରାସ୍ଫୀତି ହାର ବୃଦ୍ଧି ପାଇଥିଲା ଏବଂ ତାହାର ବୋଝ ସାଧାରଣ ଲୋକଙ୍କୁ ବୋହିବାକୁ ପଡିଥିଲା । ବିତ୍ତୀୟ ନିଅଣ୍ଟ ଏହି ଛଅବର୍ଷ ମଧ୍ୟରେ ସାଧାରଣ ଓ ଦରିଦ୍ର ପରିବାରଗୁଡିକୁ ମାତ୍ରାଧିକ ଦୁଃଖ ଆଣି ଦେଇଥିଲା । ଅନ୍ୟପକ୍ଷରେ ୨୦୧୦ରୁ ୨୦୧୪ ମଧ୍ୟରେ ପାଞ୍ଚବର୍ଷରେ ହାରାହାରି ବାର୍ଷିକ ମୁଦ୍ରାଙ୍ଗୀତି ହାର ଦୁଇଅଙ୍କ ବିଶିଷ୍ଟ ହୋଇଥିଲା । ୨୦୦୪ରୁ ୨୦୧୪ ମଧ୍ୟରେ ବାର୍ଷିକ ହାରାହାରି ମୁଦ୍ରାସ୍ଫୀତି ୮.୨ ପ୍ରତିଶତ ଥିଲା । ତତ୍କାଳୀନ ୟୁପିଏ ସରକାର ଅର୍ଥନୈତିକ କାର୍ଯ୍ୟକଳାପକୁ ସୁଗମ କରିବାରେ ଶୋଚନୀୟ ଭାବରେ ବିଫଳ ହୋଇଥିଲେ । ତାହା ପରିବର୍ତ୍ତେ ୟୁପିଏ ସରକାର ଅର୍ଥନୀତିକୁ ନିଜ ସ୍ଥାନରେ ଅପରିବର୍ତ୍ତିତ ରଖିବାରେ ପ୍ରତିବନ୍ଧକ ସୃଷ୍ଟି କରିଥିଲେ । ଏହା ବାଜପେୟୀଙ୍କ ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଦ୍ୱାରା ହାତକୁ ନିଆଯାଇଥିବା ଅର୍ଥନୈତିକ ସଂସ୍କାର ଏବଂ ବୈଶ୍ୱିକ ପରିସ୍ଥିତି କାରଣରୁ ଆରମ୍ଭ ହୋଇଥିବା ଅର୍ଥନୈତିକ ଅଭିବୃଦ୍ଧି ଧାରାକୁ ସଂକୀର୍ଣ୍ଣ ରାଜନୈତିକ ଉଦ୍ଦେଶ୍ୟ ପାଇଁ ବଜାୟ ରଖି ନ ଥିଲେ । ଏହି କାରଣରୁ ସାଧାରଣ ଲୋକ ଓ ଦେଶର ଅର୍ଥନୀତି ଉପରେ ଅନାଦାୟ ଋଣର ପାହାଡ ବୋଝ ସୃଷ୍ଟି କରିଥିଲା । ତାହାସହିତ ଉଚ୍ଚ ବିତ୍ତୀୟ ନିଅଣ୍ଟ, ଉଚ୍ଚ ଚଳନ୍ତି ଜମା ନିଅଣ୍ଟ ପରିସ୍ଥିତି, ଦୁଇ ଅଙ୍କ ବିଶିଷ୍ଟ ମୁଦ୍ରାସ୍ଫୀତି ଭଳି ପରିସ୍ଥିତି ପାଞ୍ଚବର୍ଷ ପର୍ଯ୍ୟନ୍ତ ଲାଗି ରହିଥିଲା । ଏସବୁ କାରଣରୁ ତୁର୍କୀ, ବ୍ରାଜିଲ, ଦକ୍ଷିଣ ଆଫ୍ରିକା ଓ ଇଣ୍ଡୋନେସିଆ ସହିତ ଭାରତକୁ ମିଶାଇ ଫ୍ରାଗାଇଲ ଫାଇଭ ବୋଲି କୁହାଯାଉଥିଲା । ଏହିସବୁ ରାଷ୍ଟ୍ର ନିଜର ଅଭିବୃଦ୍ଧି ଲକ୍ଷ୍ୟକୁ ଆଗେଇ ନେବା ନିମନ୍ତେ ବିଦେଶୀ ପୁଞ୍ଜିନିବେଶ ଉପରେ ମାତ୍ରାଧିକ ନିର୍ଭରଶୀଳ ବୋଲି ରେଟିଂ ଦିଆଯାଇଥିଲା । ୟୁପିଏ ସରକାରଙ୍କ ନୀତିସମୂହ ନିବେଶକଙ୍କୁ ଭାରତରୁ ଦୂରେଇ ଦେଇଥିଲା ବୋଲି ଶ୍ୱେତ ପତ୍ରରେ କୁହାଯାଇଛି । ଏଥିରେ କୁହାଯାଇଛି ଯେ ୟୁପିଏ ନେତୃତ୍ୱରେ ମେଣ୍ଟ ସରକାର ଦେଶର ଅର୍ଥନୀତିକୁ ଗତିଶୀଳତା ପ୍ରଦାନ କରିବାରେ କେବଳ ବିଫଳ ହୋଇନଥିଲେ, ବରଂ ଅର୍ଥନୀତିକୁ ଲୁଟିଥିଲେ । ସ୍ଥିତି ଏଭଳି ହୋଇଥିଲା ଯେ ଆମର ଶିଳ୍ପପତିମାନେ ଭାରତ ପରିବର୍ତ୍ତେ ବିଦେଶରେ ନିବେଶ କରିବାକୁ ପସନ୍ଦ କରିବେ ବୋଲି କହିବାକୁ ପଛାଇ ନ ଥିଲେ ।

ୟୁପିଏ ସରକାର ସମୟରେ ଦେଶର ଗଚ୍ଛିତ ବୈଦେଶିକ ମୁଦ୍ରା ପରିମାଣ ୨୦୧୧ ଜୁଲାଇରେ ୨୯୪ ବିଲିଅନ ଡଲାରରୁ ୨୦୧୩ ଅଗଷ୍ଟରେ ପ୍ରାୟ ୨୫୬ ବିଲିଅନ ଡଲାରକୁ ହ୍ରାସ ପାଇଥିଲା । ସରକାରଙ୍କର ଏହି ଶ୍ୱେତପତ୍ରକୁ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡଗେ 'କଳା ପତ୍ର' ଭାବରେ ଅଭିହିତ କରିଛନ୍ତି ।

## ଗୋବିନ୍ଦଙ୍କ ପ୍ରିୟ ଗୀତ ଗୋବିନ୍ଦ

ପ୍ରଭୁଙ୍କ ଦିବା ପହଡ ଶେଷ ହେଲା । ନୀତି ସମ୍ପାଦନ ପାଇଁ ସିଂହାସନ ନିକଟକୁ ଚାଲିଲେ ସେବକମାନେ । ଖୋଲିଦେଲେ ବସ୍ତ୍ର ଉତ୍ତରୀୟ ଓ ବେଶ ଲାଗି କଲେ । ହେଲେ ଏ କି ଆଶ୍ଚର୍ଯ୍ୟ ! ପ୍ରଭୁଙ୍କ ବସ୍ତ୍ର ଓ ଉତ୍ତରୀୟ ଚିରିଲା କିପରି ? ଉତ୍ତରୀୟରେ ଏତେ ବାଇଗଣ କଣ୍ଟା ଓ ପତ୍ର । ଏ ସବୁ ଲାଗିଲା କେମିତି ? ନାନା ଦ୍ୱନ୍ଦ ଓ ଶୋଚନା ଭିତରେ କିଂ କର୍ତ୍ତବ୍ୟବିମୁଢ଼ ହୋଇ ସେବକମାନେ ଜଣାଇଲେ ଗଜପତି ଛାମୁରେ । ବଡ଼ ଦେଉଳକୁ ଦଉଡି ଆସିଲେ ଗଜପତି । ପ୍ରକୃତରେ ପ୍ରଭୁଙ୍କ ଅଙ୍ଗବସ୍ତ୍ରରେ ବାଇଗଣ ପତ୍ର ଓ କଣ୍ଟା ଲାଗିଛି । ଶ୍ରୀଜୀଉଙ୍କ ପାଦରେ ରତ୍ନସିଂହାସନ ତଳେ ଲୋଟିପଡ଼ି କାତର କଣ୍ଠରେ ପ୍ରାର୍ଥନା କଲେ 'ହେ ଜଗତ ଠାକୁର 'ଆପଣଙ୍କର ଏ କି ଲୀଳା ! କେଉଁ ଭକ୍ତର ଭାବରେ ଟାଣି ହୋଇ ଅରଣ୍ୟ ଭ୍ରମଣରେ ଚାଲିଯାଇଥିଲେ ଭାବଗ୍ରାହୀ ଜଗନ୍ନାଥ । ଅଧୀନକୁ ଏ ସବୁ କୃପା କରି ଆଜ୍ଞା ହେଉ । ଶ୍ରୀମୁଖରୁ ଆଜ୍ଞା ହେଲା – ରାଜନ ! ବନମାଳୀପୁର ଗ୍ରାମର ଚଷା ଘରର ଝିଅ ମାଳିନୀ । ମୋ'ଠାରେ ତା'ର ଆବଲ୍ୟ ଅଚଳ ଭକ୍ତି । ଆଜି ତାର ବାପା କରିଥିବା ବଗିଚାରେ ବାଇଗଣ ତୋଳୁ ତୋଳୁ ମୋର ପ୍ରିୟ ଗୀତଗୋବିନ୍ଦ ଅତି ସୁମଧୁର ସ୍ୱରରେ ଗାନ କରୁଥିଲା । ସେ ଗୀତ ମୋ କାନରେ ପଡ଼ିବା ମାତ୍ରେ ମନ ଚଞ୍ଚଳ ହେଲା । ମାଳିନୀର ଗୀତ ଗୋବିନ୍ଦ ଶୁଣିବା ପାଇଁ ତା ପଛେ ପଛେ ସେଇ ବାଇଗଣ କିଆରିରେ ବୁଲୁଥିଲି । ତେଣୁ ମୋ ବସ୍ତ୍ର କଣ୍ଟା ଲାଗି ଚିରି ଯାଇଛି । ମାଳିନୀ କନ୍ୟାର ଗୀତ ପ୍ରତି ତ୍ରିଲୋକପତି ଶ୍ରୀଜଗନ୍ନାଥଙ୍କ ଶ୍ରଦ୍ଧା ଥିବା ଶୁଣି ସହର୍ଷେ ହସି ଉଠିଲେ ଗଜପତି । ମାଳିନୀକୁ ଆଣିବା ପାଇଁ ପଠାଇଲେ ଶିବିକା । ମାଳିନୀ ଆସିବା ପରେ ତାକୁ ଆଦେଶ ଦେଲେ ଗୀତଗୋବିନ୍ଦ ଗାନ କରିବାକୁ ।

ଜଗମୋହନରେ ମାଳିନୀର ଗୀତ ଗୋବିନ୍ଦ ଗାନ ଶୁଣି ପରମ ତୃପ୍ତି ଲଭିଲେ ନିଳାଦ୍ରୀବିହାରି ଦାରୁବ୍ରହ୍ମ ଶ୍ରୀଜଗନ୍ନାଥ । ସେହି ଦିନ ଠାରୁ ପ୍ରତିଦିନ ଗୀତଗୋବିନ୍ଦ ଗାନ କରିବାକୁ ସନନ୍ଦ କରି ଦେଇଥିଲେ । ଏହି ମାଳିନୀର ଉତ୍ତରାଧିକାରୀମାନେ ଦେବଦାସୀ ସେବା କରୁଥିବା କିମ୍ବଦନ୍ତୀ ରହିଛି । ପ୍ରଭୁଙ୍କ ଅତିପ୍ରିୟ ଗୀତଗୋବିନ୍ଦର ରଚୟିତା ହେଉଛନ୍ତି ପରମ ବୈଷ୍ଣବ ଶ୍ରୀଜୟଦେବ । ଓଡ଼ିଶା ରାଜ୍ୟର ପିପିଲି ନିକଟସ୍ଥ କେନ୍ଦୁବିଲ୍ୱ ବା ଆଧୁନିକ କେନ୍ଦୁଲି ଗ୍ରାମରେ କବି ଜୟଦେବ ଜନ୍ମ ନେଇଥିଲେ ।ସେ ପିଲାଦିନରୁ କୃଷ୍ଣଭକ୍ତ ଥିବାବେଳେ ରାଧାକୃଷ୍ଣ ଥିଲେ ତାଙ୍କର ଉପାସ୍ୟ । ସରସ୍ୱତୀଙ୍କ କୃପାରୁ ସଂସ୍କୃତ ଭାଷାରେ ତାଙ୍କର ଅଗାଧ ପାଣ୍ଡିତ୍ୟ ଓ କବିତ୍ୱ ସ୍ଫୁରିତ ହୋଇଥିଲା । ସେ ଥିଲେ ବ୍ରାହ୍ମଣ । ତାଙ୍କର ପତ୍ନୀଙ୍କ ନାମ ମଧ ପଦ୍ମାବତୀ । ଏକଦା ଦକ୍ଷିଣ ଦେଶରେ ଜଣେ ଅପତ୍ୟହୀନ ବ୍ରାହ୍ମଣ ବାସ କରୁଥିଲେ । ଉକ୍ତ ବ୍ରାହ୍ମଣ ଶ୍ରୀକ୍ଷେତ୍ରରେ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରି ସନ୍ତାନଟିଏ କାମନା କରିବା ସହ ପୁତ୍ର ବା କନ୍ୟା ଯାହା ଜନ୍ମ ନେଉ, ଶ୍ରୀଜୀଉଙ୍କ ଚରଣରେ ସମର୍ପଣ କରିବାକୁ ଶପଥ କରିଥିଲେ । କିଛିଦିନ ପରେ ତାଙ୍କର କନ୍ୟା ସନ୍ତାନଟିଏ ଜନ୍ମ ନେଲା । ଯୌବନ ପ୍ରାପ୍ତ ହେବା ପରେ ସେହି କନ୍ୟା ପଦ୍ମାବତୀଙ୍କୁ ଧରି ବଡ଼ ଦେଉଳକୁ ଆସି ମହାପ୍ରଭୁଙ୍କୁ ଅର୍ପଣ କଲେ । ସ୍ୱପ୍ନରେ ଜଗନ୍ନାଥ ଆଦେଶ ଦେଲେ ଯେ ଆମ୍ଭେ ତୋ କନ୍ୟାକୁ ଗ୍ରହଣ କଲୁ । କିନ୍ତୁ ମୋର ଜଣେ ପ୍ରିୟ ଭକ୍ତ ଜୟଦେବ କେନ୍ଦୁଲି ଗ୍ରାମରେ ଅବସ୍ଥାନ କରୁଛନ୍ତି । ତାଙ୍କୁ ଏହି କନ୍ୟା ରତ୍ନ ବିବାହ ଦିଅ । ମହାପ୍ରଭୁଙ୍କ ଆଦେଶ ପାଇ ବ୍ରାହ୍ମଣ ଜୟଦେବଙ୍କ ନିକଟକୁ ଯାଇ କନ୍ୟାଦାନ ପାଇଁ ପ୍ରଭୁଙ୍କ ଆଦେଶ ଥିବା ଜଣାଇଲେ । ଏହାପରେ ପଦ୍ମାବତୀଙ୍କ ସହ ଜୟଦେବଙ୍କ ପରିଣୟ ହୋଇଥିଲା । ଦିନେ କପଟରେ ସ୍ୱୟଂ ମାଧବ ଜୟଦେବ ରୂପେ ଆସି ଗୀତଗୋବିନ୍ଦର ଅର୍ଦ୍ଧଲିଖିତ ପଂକ୍ତିଟିକୁ ପୂରଣ କରିଥିଲେ ବୋଲି କୁହାଯାଏ । ଏହି ପଂକ୍ତି ହେଉଛି 'ଦେହି ପଦ ପଲ୍ଲବ ମୁଦାରଂ' । ଏଥିରେ 'ସ୍ମର ଗରଳ ଖଣ୍ଡନଂ ମମ ଶୀରସି ମଣ୍ଡନଂ 'ବୋଲି ଲେଖି ଜୟଦେବ ସ୍ନାନ ପାଇଁ ଯାଇଥିବା ବେଳେ ଶ୍ରୀହରି ନିଜେ ଆସି 'ଦେହି ପଦ ପଲ୍ଲବ ମୁଦାରଂ' ପଦଟି ପୂରଣ କରିଥିଲେ । ବାସ୍ତବରେ ଗୀତଗୋବିନ୍ଦର ପଂକ୍ତିଗୁଡ଼ିକ ଅତ୍ୟନ୍ତ ସୁଲଳିତ । ଏହି ମଧୁର କୋମଳ କାନ୍ତ ପଦାବଳୀରେ ଶ୍ରୀରାଧାକୃଷ୍ଣଙ୍କ ଅପ୍ରାକୃତ ପ୍ରେମରସର ପରିବେଷଣ କରାଯାଇଛି । ଗୀତ ଗୋବିନ୍ଦ ଗାନର ମହିମା ଏପରି ଯେ ଜଣେ ଯବନ ଓ କୁଷ୍ଠ ରୋଗୀ ମଧ ଗୀତ ଗୋବିନ୍ଦ ଗାଇ ପ୍ରଭୁଙ୍କ ଦର୍ଶନ ପାଇଥିଲେ । ଏହି ଗୀତ ଗୋବିନ୍ଦ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଏତେ ପ୍ରିୟ ଯେ ମହାପ୍ରଭୁ ପ୍ରତିଦିନ ଶୋଇବା ପୂର୍ବରୁ ଗୀତଗୋବିନ୍ଦ ଶୁଣିବା ସହ ଗୀତଗୋବିନ୍ଦ ଲେଖା ଥିବା ଖଣ୍ଡୁଆ ବସ୍ତ୍ର ଶରୀରରେ ଧାରଣ କରନ୍ତି । ଏପରି ପ୍ରେମରସ ପ୍ରାବଲ୍ୟ ଭକ୍ତି ସାହିତ୍ୟ ସଂସ୍କୃତ ଭାଷାରେ ବିରଳ । ପ୍ରତ୍ୟେକ ଜଗନ୍ନାଥ ପ୍ରେମୀ ପ୍ରଭୁଙ୍କ ପ୍ରିୟ ଗୀତଗୋବିନ୍ଦ ଗାନ କରନ୍ତି ।ଏହା ଅନ୍ତର୍ମନକୁ ଶାନ୍ତି ପ୍ରଦାନ କରିଥାଏ ।

## ସୋନପୁର-ପୁରୀ ଏକ୍ସପ୍ରେସ ନିୟମିତ ପ୍ରାରମ୍ଭିକ ଚଳାଚଳକୁ ସୋନପୁର ଷ୍ଟେସନ ଠାରେ ଭବ୍ୟ ସ୍ୱାଗତ

ସୋନପୁର : ସୋନପୁର ରେଳ ଷ୍ଟେସନ ଠାରେ ସୋନପୁର-ପୁରୀ ସାପ୍ତାହିକ ଏକ୍ସପ୍ରେସର ପ୍ରାରମ୍ଭିକ ଚଳାଚଳ ଦିବସରେ ସୁବର୍ଣ୍ଣପୁର ଜିଲ୍ଲାର ଲୋକମାନେ ଉଭୟ ଟ୍ରେନ ଓ ଯାତ୍ରୀମାନଙ୍କୁ ଭବ୍ୟ ସ୍ୱାଗତ କରିଥିଲେ । ଏହି ଟ୍ରେନ୍ ଚାରିଟି ପଶ୍ଚିମ ଓଡିଶାର ସୋନପୁର, ବଲାଙ୍ଗୀର, ବରଗଡ ଏବଂ ସମ୍ବଲପୁର ସହିତ ପୁରୀ, ଖୋର୍ଦ୍ଧା, କଟକ, ଢେଙ୍କାନାଳ ଓ ଅନୁଗୁଳ ଜିଲ୍ଲାକୁ ସଂଯୋଗ କରୁଛି । ଏହି ଟ୍ରେନ୍ ଏହି ଅଞ୍ଚଳର ଛାତ୍ର, କୃଷକ, ତୀର୍ଥଯାତ୍ରୀ ଏବଂ ବ୍ୟବସାୟୀ ମାନଙ୍କୁ ଲାଭ ପ୍ରଦାନ କରିବ ।



ପୁରୀ- ସୋନପୁର ଏକ୍ସପ୍ରେସ ପୁରୀ ଷ୍ଟେସନ ଠାରୁ ପ୍ରତି ଗୁରୁବାର ଦିନ ଏବଂ ସୋନପୁର ଠାରୁ ପ୍ରତି ଶୁକ୍ରବାର ଦିନ ଯାତ୍ରା କରିବ । ସେହିପରି ଟ୍ରେନ୍ ଗୁରୁବାର ଦିନ ସନ୍ଧ୍ୟା ୭.୩୫ ରେ ପୁରୀ ଛାଡି ସୋନପୁରରେ ଶୁକ୍ରବାର ଦିନ ସକାଳ ୫.୩୦ ରେ ପହଞ୍ଚିବ । ଫେରିବା ମାର୍ଗରେ ଏହି ଟ୍ରେନ ସୋନପୁର ଠାରୁ ଶୁକ୍ରବାର ସନ୍ଧ୍ୟା ୭.୩୦ ରେ ଛାଡି ଶନିବାର ଦିନ ସକାଳ ୬.୫୫ ରେ ପୁରୀରେ ପହଞ୍ଚିବ । ଏହି ଟ୍ରେନ ପୁରୀ ଓ ସୋନପୁର ମଧ୍ୟରେ ଖୋର୍ଦ୍ଧା ରୋଡ଼, ଭୁବନେଶ୍ୱର, ନରାଜ ମାର୍ଥାପୁର, ଢେଙ୍କାନାଳ, ତାଳଚେର, ଅନୁଗୁଳ, ବୋଇଣ୍ଡା, ରେଢ଼ାଖୋଲ, ସମ୍ବଲପୁର, ବରଗଡ ରୋଡ, ବଲାଙ୍ଗୀର, ବିଛୁପାଲି, ଝାରତରଭା, ନରସିଂହଗଡ ଷ୍ଟେସନ ମାନଙ୍କରେ ରହଣି କରିବ । ୩ ଫେବୃଆରୀ ୨୦୨୪ ରେ ସମ୍ବଲପୁରରୁ ଭିଡିଓ କନଫରେନ୍ସିଂ ମାଧମରେ ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଏହି ଟ୍ରେନକୁ ଶୁଭାରମ୍ଭ କରିଥିଲେ । ସମ୍ବଲପୁର ଓ ସୋନପୁର ରେଳ ଷ୍ଟେସନରେ ଲୋକମାନେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରି ଉଭୟ ଟ୍ରେନ ଓ ଯାତ୍ରୀ ମାନଙ୍କୁ ସ୍ୱାଗତ ଜଣାଇଥିଲେ ।

## ସାମ୍ବାଦିକ ଓ ସମାଜସେବୀଙ୍କୁ ରତ୍ନଶ୍ରୀ ସମ୍ମାନ

ଝାରସୁଗୁଡ଼ା: ବେଲପାହାଡ ରତ୍ନ ମଣ୍ଡପରେ ୫ଦିନ ଧରି ଚାଲିଥିବା ବେଲପାହାଡ଼ ଉତ୍ସବ୍ 'ମଚାନ୍' ଉଦ୍‌ଯାପିତ ହୋଇଯାଇଛି । ଏହି ଅବସରରେ ରେମତା ନିବାସୀ ସାମ୍ବାଦିକ ପ୍ରଫୁଲ୍ଲ ପଣ୍ଡା ଓ ସମାଜସେବା କ୍ଷେତ୍ରରେ ବେଲପାହାଡ଼ର ବିଜୟ କୁମାର ସ୍ୱାଇଁଙ୍କୁ ରତ୍ନଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା । ଏହା ସହ ଅତିଥିଗଣ 'ମଚାନ୍' ସ୍ମରଣିକା ଉନ୍ମୋଚନ କରିଥିଲେ । ବେଲପାହାଡ଼ ଉତ୍ସବ୍ ମଚାନ୍ କମିଟିର ସଭାପତି ଦେବୀପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବେଲପାହାଡ଼ ପୌର ନଗରପାଳ ନିମାଇଁ ଚରଣ ପଣ୍ଡା (ବୁଲୁ) ଓ ଶିକ୍ଷାବିତ ତଥା ସମାଜସେବୀ ପ୍ରତାପ ବେହେରା ଅତିଥି ରୂପେ ଯୋଗ ଦେଇଥିଲେ । ମୋତିରାମ ମେହେର ମଞ୍ଚ ପରିଚାଳନା କରିଥିବା ବେଳେ ପ୍ରମୋଦ ସେନାପତି ବିବରଣୀ ଉପସ୍ଥାପନ ଓ ଶ୍ରୀକର ଭୋଇ ଧନ୍ୟବାଦ ଦେଇଥିଲେ । ଆୟୋଜକ ବେଲପାହାଡ଼ ଉତ୍ସବ୍ ମଚାନ୍ କମିଟିର ପୃଷ୍ଠପୋଷକ ବେଲପାହାଡ଼ ନଗରପାଳ ନିମାଇଁ ଚରଣ ପଣ୍ଡା, ସଭାପତି ଦେବୀପ୍ରସାଦ ମିଶ୍ର, କାର୍ଯ୍ୟକାରୀ ସଭାପତି ରାଜେଶ ଭୋଇ, ଉପସଭାପତି ମୋତିରାମ ମେହେର, ସାଧାରଣ ସମ୍ପାଦକ ପ୍ରମୋଦ ସେନାପତି, କୋଷାଧ୍ୟକ୍ଷ ଯୋଗେଶ୍ୱର ବହିଦାରଙ୍କ ସମେତ ଶ୍ରୀକର ଭୋଇ, ଡା. ଦିଲୀପ ନାଏକ, ଦିଲୀପ ପେଟଲ, ସୁରେଶ ପ୍ରଧାନ, ବିବରଣୀ ଠାକୁର ପ୍ରଧାନ, ସୌମ୍ୟବ୍ରତ ମିଶ୍ର, ଭାସ୍କର ପଟେଲ ପ୍ରମୁଖ ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

# ଆତ୍ମକଲ୍ୟାଣର ପଥ

ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହିଛନ୍ତି ଯେ କାମ, କ୍ରୋଧ ଓ ମୋହ– ଏ ତିନି ପ୍ରକାର ନରକର ଦ୍ୱାର ଜୀବାତ୍ମାର ପତନକାରୀ ହୋଇଥାଏ, ସେଥିପାଇଁ ଏ ତିନିଟି ତ୍ୟାଗ କରିଦେବା ଉଚିତ । ଯେବେ ମନୁଷ୍ୟ ମନରେ ଭୋଗଗୁଡ଼ିକୁ ପ୍ରାପ୍ତ କରିବାର ଇଚ୍ଛା ହୁଏ ତ 'କାମ' ଜନ୍ମ ନେଇଥାଏ । କେବଳ କାମ ବାସନା ହିଁ କାମ ନୁହେଁ, ବରଂ ପ୍ରତ୍ୟେକ ପ୍ରକାର ଇଚ୍ଛା, ଆକାଂକ୍ଷା, ତୃଷ୍ଣା, ବାସନା– ଏସବୁ କାମର ହିଁ ପରିବର୍ତ୍ତିତ ରୂପ । ଏଗୁଡ଼ିକୁ ସଂଗ୍ରହ କରିବାର ଇଚ୍ଛା, ଏଗୁଡ଼ିକୁ ପ୍ରାପ୍ତ କରିବାର କାମନା ହିଁ ଲୋଭ ଜନ୍ମନେବାର କାରଣ ପାଲଟିଯାଏ । ଯେତେବେଳେ ଏ ଦୁଇଟିର ପ୍ରାପ୍ତିରେ ବାଧା ଉପୁଜେ ତ 'କ୍ରୋଧ' ଜନ୍ମନିଏ ।

ଏ ତିନିଟି ଯାକ ରହିବା ଆସୁରୀ ପ୍ରବୃତ୍ତିର ଆଧାର ଏବଂ ଯେଉଁଠି ଆସୁରୀ ବୃଦ୍ଧି ଥାଏ, ସେଠାରେ ସେହି ନରକର ଦ୍ୱାର ଜୀବାତ୍ମା ପାଇଁ ଖୋଲିଯାଏ । ଏହା ହିଁ ସବୁ ପ୍ରକାର ପାପ କର୍ମକୁ କରିବାର ଆଧାର, ତେଣୁ ଏଇ ତିନିଟି ଅବିଳମ୍ବେ ତ୍ୟାଗ କରିଦେବା ଉଚିତ । କାମନାଗୁଡ଼ିକ ପଛରେ ଯେଉଁଠି ଦୌଡ଼ ଲାଗିଥାଏ, ସେଠାରେ ନରକର ଦ୍ୱାର ଖୋଲିଯାଏ । ଯେଉଁମାନଙ୍କ ଚିନ୍ତନ କ୍ଷୁଦ୍ର ଓ ସଂକୀର୍ଣ୍ଣ ହୋଇଥାଏ, ସେମାନେ ସଂସାରର ଭୋଗ ପଦାର୍ଥଗୁଡ଼ିକରେ ଆକର୍ଷଣକୁ ଦେଖନ୍ତି । ସେମାନଙ୍କ ସକାଶେ ଭୋଗଗୁଡ଼ିକର ପ୍ରାପ୍ତି ହିଁ ଜୀବନର ଏକମାତ୍ର ଉଦ୍ଦେଶ୍ୟ ହୋଇଯାଏ । କାମନାଗୁଡ଼ିକ ରହିଲେ ସେଗୁଡ଼ିକର ଅଧିକତମ ସଂଗ୍ରହର ଭାବ ଲୋଭକୁ ଜନ୍ମ ଦେଇଥାଏ ଏବଂ ଏଗୁଡ଼ିକର ଅପ୍ରାପ୍ତି କ୍ରୋଧକୁ ଜନ୍ମ ଦେଇଥାଏ, ସେଥିପାଇଁ ଭଗବାନ କହିଛନ୍ତି, ଏ ତିନିଟି ନରକର ଦ୍ୱାର– 'ନାଶନମାତ୍ମନଃ' ଅର୍ଥାତ୍ ଜୀବାତ୍ମାର ନାଶକାରୀ, ଏଣୁ ଏଗୁଡ଼ିକୁ ନରକର ଦ୍ୱାର ମାନି ତ୍ୟାଗ କରିଦେବା ଉଚିତ ।

ଏହି ତିନିଟି ଭାଇର

ନରକର ଏହି ତିନିଟି ଦ୍ୱାରରୁ ରହିତ ଯେଉଁ ମନୁଷ୍ୟ ନିଜ କଲ୍ୟାଣର ଆଚରଣ କରିଥାଏ, ସେ ତଦ୍ଦ୍ୱାରା ପରମ ଗତିକୁ ପ୍ରାପ୍ତ ହୋଇଯାଏ । କାମ, କ୍ରୋଧ, ଲୋଭ ରହିତ ହେବାର ତାତ୍ପର୍ଯ୍ୟ– ଏଗୁଡ଼ିକୁ ତ୍ୟାଗ କରିବାର ଉଦ୍ଦେଶ୍ୟ ରଖିବା, ଏଗୁଡ଼ିକର ବଶରେ ନ ରହିବା । ଯିଏ ଏଗୁଡ଼ିକର ବଶରେ ନ ଥାଏ, ସେ ସ୍ୱତଃ ନିଜର କଲ୍ୟାଣ ପଥରେ ଗତିଶୀଳ ହୋଇଥାଏ ।

ଶ୍ରୀଭଗବାନ କହିଛନ୍ତି – 'ତମୋଦ୍ୱାରୈଃ ତ୍ରିଭିର୍ନରଃ' ଅର୍ଥାତ୍ ତମରେ ଆଚ୍ଛାଦିତ ନରକର ଏହି ତିନି ଦ୍ୱାରରୁ ଯେଉଁ ବ୍ୟକ୍ତି ମୁକ୍ତ ହୋଇଯାଇଛି, ସେ କଲ୍ୟାଣର ପଥକୁ ପ୍ରାପ୍ତ କରିପାରେ ଏବଂ ସେ ପରମ ଗତିକୁ ପ୍ରାପ୍ତ ହୋଇଯାଏ ।

ଶ୍ରୀଭଗବାନ ଏଠାରେ ପୁଣି କହୁଛନ୍ତି – 'ଏତୈର୍ବିମୁକ୍ତା' ଅର୍ଥାତ୍ କାମ, କ୍ରୋଧ ଓ ଲୋଭର ଭାବନାଗୁଡ଼ିକରୁ ମୁକ୍ତ । ଏହି ଭାବନାଗୁଡ଼ିକରେ ଲିପ୍ତ ହୋଇ ଯାହା ବି କର୍ମ କରାଯାଏ, ତାହା କେବେ ବି କଲ୍ୟାଣକାରୀ ହୋଇ ନ ଥାଏ । ଯିଏ କାମ, କ୍ରୋଧ ଓ ଲୋଭରେ ଘେରି ରହିଥାଏ, ତା' ଦ୍ୱାରା କରାଯାଇଥିବା ଯେକୌଣସି କର୍ମ ଅକଲ୍ୟାଣର ଆଧାର ହୋଇଯାଏ । ଏପରି ବ୍ୟକ୍ତି ଯଜ୍ଞ, ଦାନ କଲେ ମଧ ତାହାର ପରିଣାମ ଅକଲ୍ୟାଣକାରୀ ହିଁ ହୋଇଥାଏ । ସେଥିପାଇଁ ଭଗବାନ ଏଗୁଡ଼ିକୁ ତ୍ୟାଗ କରିବା ଉପରେ ବିଶେଷ ଜୋର୍ ଦେଇଛନ୍ତି । ଶ୍ରୀଭଗବାନ ଏଠାରେ ସେହି ଶାଶ୍ୱତ ସତ୍ୟର ଉଦ୍‌ଘୋଷଣା କରିଛନ୍ତି, ଯାହା ବିଷୟରେ ସେ ପୂର୍ବରୁ ବି କେତେ ଥର କହି ସାରିଛନ୍ତି । ସେ କହିଛନ୍ତି ଯେ କାମ, କ୍ରୋଧ ଓ ଲୋଭ ବସ୍ତୁତଃ ଗୋଟିଏ ସତ୍ୟର ବିବିଧ ପକ୍ଷ । ସେଗୁଡ଼ିକ ଗୋଟିଏ ନଦୀର ବିଭିନ୍ନ ଧାରା ।

କାମରେ ବାଧା ଉତ୍ପନ୍ନ କରୁଥିବା କାରଣ ଆମର କ୍ରୋଧକୁ ଉତ୍ତେଜିତ କରୁଥିବା ବେଳେ ସେହି କାମକୁ ପୂର୍ଣ୍ଣ କରିବାରେ ସହଯୋଗ କରୁଥିବା କାରଣ ଓ ତତ୍ତ୍ୱ ଆମକୁ ସେଗୁଡ଼ିକ ପ୍ରତି ଲୋଭୀ କରିଥାଏ । ଯାହା ଆମର ବାସନାଗୁଡ଼ିକର ପୂର୍ତ୍ତିରେ ସହଯୋଗୀ ହୋଇଥାଏ, ଆମେ ତାହାକୁ ଆହୁରି ଅଧ ଚାହିଁଥାଉ ଏବଂ ଯାହା ଆମର ବାସନାଗୁଡ଼ିକର ପୂର୍ତ୍ତିରେ ବାଧା ସାଜିଥାଏ, ଆମେ ତାହାର ଶତ୍ରୁ ପାଲଟିଯାଉ, ସେଥିପ୍ରତି ଆମ ମନରେ କ୍ରୋଧ ଉଠିଥାଏ ।

ସେଥିପାଇଁ ଅଧ୍ୟାତ୍ମ ଶାସ୍ତ୍ରରେ ମୁକ୍ତ ମନ ପାଇଁ ଗୋଟିଏ ଶବ୍ଦ ପ୍ରୟୋଗ ହୋଇଥାଏ – ନିଷ୍କାମ । ଯାହାର ଚିତ୍ତ କାମନାଗୁଡ଼ିକରୁ ମୁକ୍ତ ହୋଇଯାଏ, ତା' ପାଇଁ ବନ୍ଧନର କୌଣସି କାରଣ ରହିଯାଏ ନାହିଁ । କାମ ଆମର ମନରେ ଏକ ପ୍ରକାର ବ୍ୟାକୁଳତା, ବିକ୍ଷିପ୍ତତା ଉତ୍ପନ୍ନ କରିଥାଏ, ପଇସା ପ୍ରତି କାମ ବାସନାରେ ପରିପୂର୍ଣ୍ଣ ମନ କେବଳ ସେହି ଦିଗରେ ଚିନ୍ତା କରିପାରେ । ସେ ଲଗାଏତ ଅଧିକରୁ ଅଧିକ ପଇସା କିପରି ଜମା କରିବ ସେହି ଚିନ୍ତାରେ ପୂରି ରହିଥାଏ । ବାସନାଗୁଡ଼ିକରେ ଭରା ମନ ସେହି ବିଷୟରେ ଚିନ୍ତା କରୁଥାଏ । ଏହା ଏକ ପ୍ରକାର ବିକ୍ଷିପ୍ତତା, ବ୍ୟାକୁଳତାର ଅବସ୍ଥା । ଲୋଭ ସେହି ବିକ୍ଷିପ୍ତତା ଉତ୍ପନ୍ନର ଆଧାର ହୋଇଥାଏ, ତ କ୍ରୋଧ ସେହି ବିକ୍ଷିପ୍ତତାରେ ଆସୁଥିବା ବାଧାର କାରଣ ହୋଇଥାଏ ।

ତେଣୁକରି ଶ୍ରୀଭଗବାନ ଏ ତିନିଟିର ମିଶ୍ରଣକୁ ନରକର ଦ୍ୱାର ବୋଲି କହିଛନ୍ତି । ପ୍ରକୃତରେ କହିବାକୁ ଗଲେ ନରକ କୌଣସି ସ୍ଥାନର ନାମ ନୁହେଁ, ବରଂ କାମ, କ୍ରୋଧ, ଲୋଭରେ ଭରା ମନର ନାମ ହିଁ ନରକ । ଯେଉଁଠି ଏଗୁଡ଼ିକୁ ପୂରା କରିବାର ବ୍ୟାକୁଳତା, ବ୍ୟସ୍ତତା, ବିକ୍ଷିପ୍ତତା ରହିଛି ସେଠାରେ ନରକ ଭଳି ଭାବନା ହିଁ ରହିଛି । ଏ ତିନିଟି ଯେଉଁଠି ଥାଏ, ସେଠାରେ ଆସୁରୀ ପ୍ରବୃତ୍ତି ରହିଥାଏ ଏବଂ ମନ ସର୍ବଦା ସନ୍ତାପରେ ପୁରି ରହିଥାଏ । ଏହାର ବିପରୀତ ଦୈବୀ ପ୍ରବୃତ୍ତି ଯୁକ୍ତ ବ୍ୟକ୍ତିତ୍ୱ ସର୍ବଦା ପ୍ରଫୁଲ୍ଲତା ପୂର୍ଣ୍ଣ ରହିଥାଏ । ସେଥିପାଇଁ ତ କେହି କେହି ଚକ୍ରବର୍ତ୍ତୀ ରାଜା ହୋଇ ମଧ ବିବ୍ରତ ରହିଥାନ୍ତି ଏବଂ କିଛି ମହାପୁରୁଷ ନିର୍ଜନ ହୋଇ ମଧ ବାଦଶାହଙ୍କ ପରି ଜୀବନ ବିତାଇଥାନ୍ତି ।

ଯିଏ ବାଣ୍ଟିବା ଜାଣି ନ ଥାଏ, ସେ ନିଜେ ନିଜକୁ ସବୁ ଦିଗରୁ ବନ୍ଦ କରିଦିଏ । ସେ ନିଜେ ନିଜକୁ ଚାରିପାଖରୁ ବନ୍ଦ କରିନିଏ ଏବଂ ତା' ଚାରିପାଖରେ କାରାଗୃହ ଠିଆ ହୋଇଯାଏ । ଏହି କାରାଗୃହ ଭାବନାର କାରାଗୃହ ହୋଇଥାଏ, ଯେଉଁଠି କେହି ତା'ର ଦୁଃଖରେ ସହଭାଗୀ ହେବାକୁ ଚାହିଁ ନଥାନ୍ତି ଏବଂ ସେହି ବ୍ୟକ୍ତି ମଧ ନିଜର ସୁଖକୁ ବାଣ୍ଟିପାରେ ନାହିଁ । ଏହାର ବିପରୀତ ଜୀବନର ସମସ୍ତ ଆନନ୍ଦର ଆଧାର ବାଣ୍ଟିବାରେ ହିଁ ରହିଛି ଯେଉଁ ମନୁଷ୍ୟ ନିଜକୁ ଯେତିକି ବାଣ୍ଟିପାରେ, ସେ ସେତିକି ସନ୍ତୁଷ୍ଟ, ପ୍ରଫୁଲ୍ଲିତ ଅନୁଭବ କରିଥାଏ ।

ବୋଧହୁଏ ଏହି କାରଣରୁ ଆମେ ପରମାତ୍ମାଙ୍କୁ ପରମ ଆନନ୍ଦ କହି ଡାକିଥାଉ । କାରଣ ପରମାତ୍ମା ସ୍ୱୟଂକୁ ପୂରା ଜଗତରେ ବାଣ୍ଟି ଦେଇଛନ୍ତି । ସେ ସବୁ ଜାଗାରେ ବ୍ୟାପି ରହିଛନ୍ତି । ତାଙ୍କର ବିସ୍ତୃତି ହିଁ ଅସ୍ତିତ୍ୱ । ସେଥିପାଇଁ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି ଯେ କାମ, କ୍ରୋଧ, ଲୋଭରେ ବନ୍ଧା ବ୍ୟକ୍ତି ନିଜ ଜୀବନକୁ ନରକ କରିଦିଏ । ସେ କହିଛନ୍ତି ଯେ ଏ ତିନିଟି ଅଧୋଗତିରେ ନେଇଯାଏ, ସେଥିପାଇଁ ଏହି ତିନିଟିକୁ ତ୍ୟାଗ କରିଦେବା ଉଚିତ । କାରଣ ଏ ତିନିଟିର ନରକରୁ ମୁକ୍ତ ହୋଇଥିବା ପୁରୁଷ ହିଁ ନିଜର କଲ୍ୟାଣ ପଥର ଆଚରଣ କରିପାରେ । ଯାହା ମନରେ ଏ ତିନିଟି ଭାବ ଅଛି, ସେ କେବେହେଲେ କଲ୍ୟାଣ ପଥର ଅନୁଗାମୀ ହୋଇ ପାରେ ନାହିଁ । କାରଣ ତା'ର ଜୀବନ ସର୍ବଦା ଅହଂ କେନ୍ଦ୍ରିତ ହିଁ ରହିବ । ଯିଏ ଏଗୁଡ଼ିକରୁ ମୁକ୍ତ ହୋଇଯାଏ, ତା'ର ଜୀବନରେ ଆତ୍ମକଲ୍ୟାଣର ମାର୍ଗ ଖୋଲିଯାଏ ଏବଂ ସେହି ପଥରେ ଚାଲିବାର ସଂକେତ ଶ୍ରୀଭଗବାନ ଦେଇଛନ୍ତି ।

# ସକାରାତ୍ମକ ବିଚାର ଦ୍ୱାରା ସଫଳତା ମିଳିଥାଏ

ମନୁଷ୍ୟ ଜୀବନର ସତ୍ୟତା ହେଉଛି, ଜୀବନରେ ସର୍ବଦା, ପ୍ରତି ପାଦରେ ଅନେକ ଆହ୍ୱାନର ସମ୍ମୁଖୀନ ହେବାକୁ ପଡ଼ିଥାଏ । ଆହ୍ୱାନଗୁଡ଼ିକ କେବେ ଆମର ସାମନାରେ ଥାଏ ତ କେବେ ଆମେ ସେଗୁଡ଼ିକର ସାମନାରେ ଥାଉ । ଅନ୍ତର ମାତ୍ର ଏତିକି ଯେ କେବେ ଆମେ ସକାରାତ୍ମକ ହୋଇଥାଉ ତ କେବେ ନକାରାତ୍ମକ । ଜୀବନ ବିଦ୍ୟାର ମର୍ମଜ୍ଞମାନଙ୍କ ଅନୁଭବ କହେ ଯେ ଆମେ ଯେବେ ସକାରାତ୍ମକ ହୋଇଥାଉ ତ ଆମ ଉର୍ଜ୍ୟାର ସମସ୍ତ ଆନ୍ତରିକ ସ୍ରୋତ ମଧ୍ୟରେ ସ୍ୱତଃ ସ୍ପନ୍ଦନ ଆରମ୍ଭ ହୋଇଯାଏ ଏବଂ ଧୀରେ ଧୀରେ ସାରା ଉର୍ଦ୍ଧ୍ୱ କେନ୍ଦ୍ର ଜାଗ୍ରତ ହେବାରେ ଲାଗେ ଓ ସେଥିରେ ଅନ୍ତର୍ନିହିତ ଶକ୍ତିଗୁଡ଼ିକର ଉର୍ଦ୍ଧଗମନ ହୋଇଥାଏ ।

ଜୀବନର ସକାରାତ୍ମକତା ଅଳ୍ପ ସମୟ ମଧରେ ହିଁ ଆମ ଭିତରେ ସ୍ଫୁର୍ତ୍ତି ଓ ସତେଜତାର ଅନୁଭବ କରାଇବାରେ ଲାଗେ । ଆମର ମନୋବଳ–ଆତ୍ମବଳ– ସଂକଳ୍ପବଳ ବଢ଼ିବାକୁ ଲାଗେ । ଏପରି ସ୍ଥିତିରେ ଆମେ ଜଣେ ବୀର ଯୋଦ୍ଧା ଭଳି ଆହ୍ୱାନଗୁଡ଼ିକୁ ସାମନା କରିଥାଉ ଏବଂ ସେଗୁଡ଼ିକ ଉପରେ ବିଜୟ ପ୍ରାପ୍ତ କରିବା ଏକମାତ୍ର ଉଦ୍ଦେଶ୍ୟ ହୋଇଯାଏ । ଏଥିରେ ବିଜୟ ସୁନିଶ୍ଚିତ ହୋଇଥାଏ ; କାରଣ ଏହି ପ୍ରକାରର ସଫଳତାର ବୀଜ ଆମର ସକାରାତ୍ମକତାରୁ ଉତ୍ପନ୍ନ ହୋଇଥାଏ ।

ଆମର ସକାରାତ୍ମକତା ଅଥବା ନକାରାତ୍ମକତାରେ ହିଁ ସଫଳତା ଓ ଅସଫଳତାର ବୀଜ ମହଜୁଦ ଥାଏ । ସକାରାତ୍ମକତା ଆମର ସଫଳତାକୁ ସୁନିଶ୍ଚିତ କରିଥାଏ ଏବଂ ନକାରାତ୍ମକତା ଆମର ଅସଫଳତାକୁ ସୁନିଶ୍ଚିତ କରିଥାଏ ।

ସକାରାତ୍ମକତାର ସବୁଠାରୁ ବଡ଼ ବିଶେଷତା ହେଲା – କଠିନରୁ କଠିନ ପରିସ୍ଥିତିଗୁଡ଼ିକ ମଧ ଆମ ଉପରେ ପ୍ରଭାବଶାଳୀ ହୋଇପାରେ ନାହିଁ । ଅନ୍ତର୍ମନ କେବେ ସଂଘର୍ଷ, ଆହ୍ୱାନ ଓ ସମସ୍ୟାଗୁଡ଼ିକ ସମକ୍ଷରେ ଭୟଭୀତ କି ବିଚଳିତ ହୁଏ ନାହିଁ । କୌଣସି କାର୍ଯ୍ୟ ଅଥବା ଲକ୍ଷ୍ୟରେ ଯଦି ଅସଫଳତା ମିଳିଯାଏ ତ ସକାରାତ୍ମକ ବ୍ୟକ୍ତି ପାଇଁ ଏହି ଅସଫଳତା ମଧ ଏପରି ଏକ ଶିଡ଼ି ବା ସୋପାନ ହୋଇଯାଏ, ଯାହା ତାକୁ ଆହୁରି ଅଧିକ ସାହସ ଓ ଉର୍ଦ୍ଧ୍ୱରେ ଭରିଦିଏ ।

ସକାରାତ୍ମକତାର ସ୍ଥିତିରେ ବ୍ୟକ୍ତି ମାର୍ଗର ପ୍ରତ୍ୟେକ ବାଧା-ବିଘ୍ନକୁ ନିଜର ଶକ୍ତି, ସାମର୍ଥ୍ୟ ଓ ସଫଳତା ପ୍ରାପ୍ତିର ମାଧମ କରିନିଏ । ବିପରୀତତା ଓ ଆହ୍ୱାନଗୁଡ଼ିକୁ ସେ କେବେ ଡରେ ନାହିଁ, ବରଂ ଦୃଢ଼ତା ପୂର୍ବକ ସେଗୁଡ଼ିକର ସାମନା କରିଥାଏ । ଏପରି ସ୍ଥିତିରେ ତା'ର ବ୍ୟକ୍ତିତ୍ୱର ସମସ୍ତ ଗୁଣ ଧୀରେ ଧୀରେ ପ୍ରକଟ ହେବାକୁ ଲାଗେ ।

ଜୀବନ ପ୍ରକୃତିର ଏକ ସାଧାରଣ ନିୟମ ହେଲା, ଯେତେବେଳେ ଆପଣ କୌଣସି ଆହ୍ୱାନକୁ ସ୍ୱୀକାର କରନ୍ତି ଏବଂ ତାହା ଉପରେ ବିଜୟ ପ୍ରାପ୍ତ କରନ୍ତି ଉପହାର ସ୍ୱରୂପ ଏକ ନୂତନ କ୍ଷମତା ଉପଲବ୍ଧ ହୋଇଥାଏ । କ୍ଷମତା ଓ ସାମର୍ଥ୍ୟର ଅପରିମିତ ଭଣ୍ଡାର ତ ସମସ୍ତଙ୍କ ଭିତରେ ଥାଏ, ପରନ୍ତୁ ଜଣେ ସକାରାତ୍ମକ ବ୍ୟକ୍ତିର ବ୍ୟକ୍ତିତ୍ୱରେ ହିଁ ଭିତରର କ୍ଷମତା ଓ ସମ୍ଭାବନାଗୁଡ଼ିକ ବିକଶିତ ହୋଇଥାଏ । ଜୀବନର ପ୍ରତ୍ୟେକ ଆହ୍ୱାନ, ପ୍ରତ୍ୟେକ ସଂଘର୍ଷ ଆମର କ୍ଷମତା ଏବଂ ସମ୍ଭାବନାଗୁଡ଼ିକୁ ବିକଶିତ ଓ ପରିଷ୍କୃତ କରିବାର ସୁଯୋଗ ଦେଇଥାଏ, କିନ୍ତୁ ଏହି ସୁଯୋଗଗୁଡ଼ିକର ଲାଭ ବ୍ୟକ୍ତିର ସକାରାତ୍ମକ ପ୍ରବୃତ୍ତି ଦ୍ୱାରା ହିଁ ସମ୍ଭବ ହୋଇପାରେ । ନକାରାତ୍ମକ ବ୍ୟକ୍ତି ଆହ୍ୱାନ ଓ ସଂଘର୍ଷଗୁଡ଼ିକରେ ଭୟଭୀତ ହୋଇ ପଛଘୁଞ୍ଚା ଦେଇଥାଏ, ତେଣୁ ତା' ପାଇଁ ବ୍ୟକ୍ତିତ୍ୱକୁ କ୍ଷମତାବାନ୍ କରାଉଥିବା ସୁଯୋଗଗୁଡ଼ିକର ଦ୍ୱାର ସର୍ବଦା ବନ୍ଦ ରହିଥାଏ ।

କୌଣସି ବ୍ୟକ୍ତି ଜୀବନରେ ଅସଫଳ ହେବା ପଛରେ ଏହା ହିଁ ମୂଳ କାରଣ । ଅସଫଳତାର ତାତ୍ପର୍ଯ୍ୟ ହେଉଛି କେଉଁଠି ନା କେଉଁଠି ବ୍ୟକ୍ତିତ୍ୱର ଶକ୍ତି-ସାମର୍ଥ୍ୟ ଅବରୁଦ୍ଧ ହୋଇଯିବା, କ୍ଷୟ ହୋଇଯିବା । ଏଠାରେ ବୁଝିନେବା ଆବଶ୍ୟକ ଯେ ନକାରାତ୍ମକ ଚିନ୍ତନ ଓ ନକାରାତ୍ମକ ଭାବନାଗୁଡ଼ିକ ଆମ କ୍ଷମତାର ବିକାଶରେ ବଡ଼ ବାଧା ଉତ୍ପନ୍ନ କରିଥାନ୍ତି ।

ବ୍ୟକ୍ତି ସ୍ୱୟଂ ପ୍ରତି ଏବଂ ପରିସ୍ଥିତିଗୁଡ଼ିକ ପ୍ରତି ଯେଉଁଠି ନକାରାତ୍ମକ ହୋଇଥାଏ, ସେଠାରେ ଅସଫଳ ମଧ ହୋଇଥାଏ ।

**ଅବଶିଷ୍ଟାଂଶ ୫ମ ପୃଷ୍ଠାରେ**

## ଆଜିର ଚିନ୍ତନ

ଚାରୁହର୍ମ୍ୟଶାଳିନୀ ଦ୍ୱାରକା ନଗରୀ । ସ୍ୱର୍ଣ୍ଣ ତୋରଣରେ ସ୍ଫଟିକ ମାଳାର ଚମକ୍ ଦିଗନ୍ତବ୍ୟାପୀ ଖେଦି ଯାଉଥାଏ । ଐଶ୍ୱର୍ଯ୍ୟଭରା ନଗରୀରେ ଭଗବାନ ଶ୍ରୀକୃଷ୍ଣ ରାଜଦରବାରରେ ଆସୀନ । ପାଖରେ ଥାଆନ୍ତି ଅଷ୍ଟସଖୀ ଏବଂ କତିପୟ ପାତ୍ରମନ୍ତ୍ରୀ । ସେହି ସମୟରେ ଉଭା ହେଲେ ମୃତ୍ୟୁଲୋକ ଅଧିକାରୀ ମହାରାଜ ଯମ । ସାଥିରେ ଆଣିଥିବା ସମସ୍ତ ପୋଥ ଭଗବାନଙ୍କ ଚରଣରେ ସମର୍ପିଦେଇ ଅଭିମାନଭରା ଗଳାରେ କହିଲେ- ଏଇ ନିଅନ୍ତୁ ପ୍ରଭୁ, ଆପଣଙ୍କ ଲେଖା ଭାଗ୍ୟଲିପି । ଏହା ମୋର ଆଉ ଦରକାର ନାହିଁ । ଆପଣ ତ ଅଛନ୍ତି ତେଣୁ ଏହି ସଂସାରରେ ମୋର ଆଉ ପ୍ରୟୋଜନ ନାହିଁ । ଆପଣଙ୍କ ଆଜ୍ଞାରେ ମୁଁ ଜନ୍ତୁରାଣ । କିଏ କେତେ ପାଇବ ? କିଏ କେତେ ଦେବ ? କିଏ କେତେ ସମୟ ବଞ୍ଚିବ ? କିଏ କେବେ ମୃତ୍ୟୁଲୋକକୁ ଯିବ ? ସବୁ ତ ଆପଣ ଆଗରୁ ଲେଖି ସାରିଛନ୍ତି । ପୁଣି ଲିଖିତ କଥାକୁ ଆପଣ ହଠାତ୍ ବଦଳାଇ ଦେଉଛନ୍ତି । ଏହା କି ପ୍ରକାର ବିଡ଼ମ୍ବନା ପ୍ରଭୁ ? ପ୍ରଭୁ ଶ୍ରୀକୃଷ୍ଣ ସ୍ମିତହସି କହିଲେ- କ'ଣ ହେଇଛି ତ କୁହନ୍ତୁ ? ଏମିତି ଅଭିମାନ ଆପଣଙ୍କୁ ଶୋଭା ଦେଉନି ଜନ୍ତୁରାଣ । ତହୁଁ ଯମଦେବ ଉତ୍ତର ଦେଲେ- ଆପଣଙ୍କ ଲେଖା ଅନୁଯାୟୀ ସୁଦାମା ଏ ଜନ୍ମରେ ନିପଟ ଗରିବ ଜୀବନ ଜିଇବାର ଥିଲା । ଆପଣ ତା' ଗଣ୍ଠିଲିରୁ ଖୁଦ ଖାଇଲେ । ଆପଣ ତ ଖାଇଲେ ମାଆଙ୍କୁ ବି ଖୁଆଇଲେ । ଏ ଜନ୍ମରେ ଯିଏ ଫଟା ପାହୁଲା ପାଇଁ ବିକଳ ହେବା କଥା ସିଏ ବିପୁଳ ଧନର ମାଲିକ ହେଇଗଲା । ଆପଣ ତ ଆଗରୁ ତା' ଭାଗ୍ୟ ନିଶ୍ଚୟ କରିଥିଲେ । ମାତ୍ର ଏବେ ହଠାତ୍ ପରିବର୍ତ୍ତନ କରି ସୃଷ୍ଟିର ନିୟମକୁ ବଦଳାଉଛନ୍ତି । ଯାହାଫଳରେ ମୋତେ କର୍ମଫଳ ବିଚାର କରିବାରେ ଅସୁବିଧା ପରିଲକ୍ଷିତ ହେଉଛି । ଜୀବନସାରା ପାପ କରୁଥିବ କିନ୍ତୁ ମୃତ୍ୟୁବେଳକୁ ଆପଣଙ୍କୁ ସ୍ମରଣ କରି ପ୍ରାଣୀ ମୁକ୍ତି ପାଉଛନ୍ତି । ଏଥିପାଇଁ ଯମଦୂତ ଏବଂ ବିଷ୍ଣୁଦୂତଙ୍କ ଭିତରେ ନିତି କଳି । ଆପଣ ଏମିତି ଯଦି କରନ୍ତି ସୃଷ୍ଟିର ଭାରସାମ୍ୟ ରହିବ ତ ? ଭଗବାନ ଶ୍ରୀକୃଷ୍ଣ ଏତିକି ଶୁଣିସାରି ଯମଦେବଙ୍କୁ ବୁଝାଇ କହିଲେ- ହେ ଯମଦେବ ! ପ୍ରାଣୀ କର୍ମ କରେ । ଆପଣ କର୍ମଫଳ ଅନୁଯାୟୀ ଦଣ୍ଡ ବିଧାନ କରନ୍ତି । କିନ୍ତୁ କର୍ମକୁ ଉଚିତ୍ ମାର୍ଗ ପ୍ରଦର୍ଶନ କରିବା ମୋର ଧର୍ମ । ମୋ ଭକ୍ତଙ୍କ ପାଇଁ ମୁଁ ଏମିତି କରିବାକୁ ଉଚିତ ମଣିଥାଏ । ଯେକେହି ବି ମୋ ପାଇଁ ନିଜକୁ ଭୁଲିଯାଏ । ମୁଁ ତାହା ପାଇଁ ଏ ସଂସାର, ଏ ସୃଷ୍ଟିର ନିୟମକୁ ମଧ ଭୁଲିଯାଏ । କାହିଁକି ନା ମୋର ଆତ୍ମା ହିଁ ମୋର ଭକ୍ତି । ଭକ୍ତର ଭକ୍ତିରେ ଭରସାର ସୂତାଖିଅରେ ମୁଁ ସର୍ବଦା ନିବଦ୍ଧ । କେବଳ ଭକ୍ତଙ୍କ ପାଇଁ ହିଁ ମୁଁ ଭିନ୍ନ ଭିନ୍ନ କଳେବର ଧାରଣ କରିଥାଏ । ମୁଁ ଭକ୍ତର ଭାବରେ ହିଁ ବନ୍ଧା । ତେଣୁ ଭକ୍ତର ମନଜାଣି ତାକୁ ସର୍ବସ୍ୱ ପ୍ରଦାନ କରିଥାଏ । ତେଣୁ ହେ ମୃତ୍ୟୁଦେବ । ଆପଣ ନିଶ୍ଚିତ ରୁହନ୍ତୁ । ମୋର ଭକ୍ତ ଛଡ଼ା ମୁଁ ଆଉ କାହାକୁ ପରମଗତି ଅଥବା ପରମସୁଖ ପ୍ରଦାନ କରିନଥାଏ । ଭଗବାନଙ୍କ ଏପରି ବାଣୀରେ ପ୍ରୀତ ହୋଇ ଯମଦେବ ସମସ୍ତ ପୋଥି ନେଇ ମୃତ୍ୟୁଲୋକକୁ ଫେରିଗଲେ । ସଂସାରେ ଏକମାତ୍ର ଭରସା ପ୍ରଭୁଙ୍କ ଭକ୍ତି ଏବଂ ନାମଗୁଣ କୀର୍ତ୍ତନ । ଏହା ବିନା ଇହ ଏବଂ ପର ଜଗତରେ ନିସ୍ତାର ନାହିଁ । ଭଗବାନଙ୍କ ଅନୁକମ୍ପା ପାଇବା ପାଇଁ ଭଗବାନଙ୍କ ନିକଟରେ ପୂର୍ଣ୍ଣ ଶରଣ ଯାଆନ୍ତୁ ଏବଂ ମୃତ୍ୟୁ ତଥା ତତ୍‌ଜନିତ ବିପଦରୁ ଉଦ୍ଧାର ପାଆନ୍ତୁ ।

ବର୍ଷ ୨୮, ସଂଖ୍ୟା - ୬, ୧୧ - ୧୭ ଫେବୃଆରୀ ୨୦୨୪

# ରାମରାଜ୍ୟ କେତେ ବାସ୍ତବ ?

ଅଯୋଧାରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ସହ ରାମ ଯୁଗର ଆରମ୍ଭ ହୋଇଛି ବୋଲି କୁହାଯାଉଛି । ଅର୍ଥାତ୍ 'ଅଚ୍ଛେଦିନ୍' ସ୍ଲୋଗାନ ପରେ 'ରାମ ରାଜ୍ୟ' କଥା କୁହାଯାଉଛି । ମହାତ୍ମା ଗାନ୍ଧୀ 'ରାମରାଜ୍ୟ' କଥା ଉଠାଇଥିଲେ । ସେ ରାମାୟଣର ଶିକ୍ଷା ଦ୍ୱାରା ବହୁ ପ୍ରଭାବିତ ହୋଇଥିଲେ । 'ରାମରାଜ୍ୟ' ଏକ ଶାସନ ବ୍ୟବସ୍ଥା ଯେଉଁଠି ମହାନତା, ନୈତିକତା ଏବଂ ନ୍ୟାୟ ହେଉଛି ମୂଳ ଆଦର୍ଶ । ଶ୍ରେଷ୍ଠ ରାଜା ଭାବରେ ପ୍ରଭୁ ଶ୍ରୀରାମ ଏକ ଦୟାଳୁ ଏବଂ ନ୍ୟାୟପୂର୍ଣ୍ଣ ପ୍ରଶାସନର ଉଦାହରଣ ଥିଲେ । ରାମରାଜ୍ୟ ଅର୍ଥ ହିନ୍ଦୁ ରାଜ ନୁହେଁ । ରାମରାଜ୍ୟର ଅର୍ଥ ହେଉଛି ଈଶ୍ୱରଙ୍କ ରାଜ୍ୟ । ଗାନ୍ଧୀଙ୍କ ପାଇଁ ରାମ ଏବଂ ରହିମ ଏକ ଏବଂ ସମାନ । ଗାନ୍ଧିଜୀ କହିଛନ୍ତି, ମୁଁ ଅନ୍ୟ କୌଣସି ଭଗବାନ୍‌ଙ୍କୁ ସ୍ୱୀକାର କରେ ନାହିଁ ବରଂ ସତ୍ୟ ଓ ନ୍ୟାୟର ଭଗବାନ୍‌କୁ ସ୍ୱୀକାର କରେ । କିନ୍ତୁ ଶାସକ ଶ୍ରେଣୀ, ଅଧିକାଂଶ ରାଜନେତା ଭଗବାନ୍ ରାମଙ୍କ ଦର୍ଶନକୁ ମାନନ୍ତି ନାହିଁ । ଶ୍ରୀରାମଙ୍କ ତ୍ୟାଗ ଓ ବଳିଦାନକୁ ଅନୁସରଣ କରନ୍ତି ନାହିଁ । ସର୍ବଦା ଲୋକଙ୍କ ସମସ୍ୟା, ଭାବନା ପ୍ରତି ଉଦାସୀନ । କ୍ଷମତା ହାସଲ କରିବା ବା ବଜାୟ ରଖିବାପାଇଁ ସର୍ବଦା ପ୍ରୟାସ କରିବା ସହ ଆତ୍ମ ପ୍ରଚାରରେ ଲିପ୍ତ ରହୁଛନ୍ତି । ଅପରପକ୍ଷରେ ଲୋକଙ୍କ ସମସ୍ୟାର ସମାଧାନ କରିବା ପରିବର୍ତ୍ତେ ନିଜର ବିଫଳତାକୁ ଘୋଡ଼ାଇବା ପାଇଁ ଲୋକଙ୍କ ଧାର୍ମିକ ଭାବନାର ଫାଇଦା ନେଉଛନ୍ତି ।

ପ୍ରଭୁ ଶ୍ରୀରାମ ପିତୃସତ୍ୟ ପାଳନ କରିବାକୁ ଯାଇ ୧୪ ବର୍ଷ ବନବାସ ଯାଇଥିଲେ ଓ ସନ୍ୟାସୀ ଜୀବନ ବିତାଇଥିଲେ । କିନ୍ତୁ ଯେତେବେଳେ ଧର୍ମୀୟ ସ୍ଥଳକୁ ଯିବା ଲୋକଙ୍କ ସଂଖ୍ୟା ବୃଦ୍ଧି ପାଉଛି, କୋଟି କୋଟି ଲୋକ ଶ୍ରୀରାମଙ୍କୁ ପୂଜା କରୁଛନ୍ତି, ସେତେବେଳେ କୋଟି କୋଟି ବୟସ୍କ ଲୋକ ତାଙ୍କ ପିଲାଙ୍କ ଦ୍ୱାରା ଅବହେଳିତ । ଅନେକେ ଜରାଶ୍ରମରେ ରହୁଛନ୍ତି । କର୍ଣ୍ଣାଟକ ଉଚ୍ଚ ନ୍ୟାୟାଳୟ ମଧ ଏକ ରାୟରେ ଉଦ୍‌ବେଗ ପ୍ରକାଶ କରିଥିଲେ । ଯୌଥ ପରିବାର ଆଜି ବିଲୁପ୍ତ ହେବାକୁ ବସିଲାଣି । ଆଜିର ପରିବାର କହିଲେ ସ୍ୱାମୀ, ସ୍ତ୍ରୀ ଓ ପିଲାଙ୍କୁ ବୁଝାଯାଉଛି । ଲୋକ କୋଟି କୋଟି ଟଙ୍କା ବ୍ୟୟକରି ଘର, ଗାଡ଼ି କିଣୁଛନ୍ତି । କିନ୍ତୁ ନିଜ ଭାଇ, ଭଉଣୀ ବାପା ମା'ଙ୍କ ପାଇଁ ଟଙ୍କାଟିଏ ଖର୍ଚ୍ଚ କରିବାକୁ ଅନିଚ୍ଛୁକ । ଆସ୍ତେ ଆସ୍ତେ ସେବା ମନୋବୃତ୍ତି ହ୍ରାସ ପାଉଛି । ରାମରାଜ୍ୟ କଥା କହିଲେ ଲୋକ ସୁଖ ଓ ଶାନ୍ତିରେ ରହିବା ଆବଶ୍ୟକ । ବିଶ୍ୱ ସୁଖ ସୂଚକାଙ୍କ ୨୦୨୩ (୧୪୬ଦେଶ ମଧରୁ ୧୩୬), ବିଶ୍ୱ ଶାନ୍ତି ସୂଚକାଙ୍କ ୨୦୨୨ (୧୬୩ ଦେଶ ମଧରେ ୧୩୫)ରେ ଭାରତ ରହିଛି । ଭାରତ ନିମ୍ନ ଶାନ୍ତି ଦେଶ ଭାବେ ସ୍ଥାନିତ ହୋଇଛି । ଭାରତରେ ଅଶାନ୍ତି, ଆତ୍ମହତ୍ୟା, ଅପରାଧ ବୃଦ୍ଧି ପାଇଛି । ନ୍ୟାଶନାଲ କ୍ରାଇମ ରେକର୍ଡ ବ୍ୟୁରୋ ତଥ୍ୟ ୨୦୨୨ ଅନୁଯାୟୀ, ପ୍ରତିଦିନ ଭାରତରେ ୪୬୮ ଜଣ ଆତ୍ମହତ୍ୟା କରୁଛନ୍ତି । ଆତ୍ମହତ୍ୟା ହାର ଯାହା ୨୦୧୮ରେ ୧ ଲକ୍ଷରେ ୧୦.୨ ଥିଲା, ତାହା ୨୦୨୨ରେ ୧୨.୪କୁ ବୃଦ୍ଧି ପାଇଛି । ୨୦୧୭ରେ ଆତ୍ମହତ୍ୟା କରିଥିବା ଲୋକଙ୍କ ସଂଖ୍ୟା ୧,୩୪,୫୧୬ ଥିଲାବେଳେ ୨୦୨୧ରେ ୧,୬୫,୦୩୩, ୨୦୨୨ରେ ୧,୭୧,୦୦୦କୁ ବୃଦ୍ଧି ପାଇଛି । । ଅର୍ଥାତ୍ ୨୦୨୨ରେ ଆତ୍ମହତ୍ୟା ହାର ୨୦୨୧ ତୁଳନାରେ ୪.୩% ଏବଂ ୨୦୧୮ ତୁଳନାରେ ୨୭% ଅଧିକ । କେବଳ ଆତ୍ମହତ୍ୟା କରିଥିବା ଲୋକଙ୍କ ମଧରୁ ଦିନ ମଜୁରିଆ ୨୬% । ୨୦୨୨ରେ ୧୫୦ ପରିବାର ସମ୍ପୂର୍ଣ୍ଣ ଭାବେ ଆତ୍ମହତ୍ୟା କରିଥିଲେ । ୨୦୧୩ରୁ ୨୦୨୨ ମଧରେ ଅତ୍ୟଧିକ ଥଣ୍ଡା ଯୋଗୁ କେବଳ ୮୦୦ ଲୋକ ପ୍ରାଣ ହରାଇଛନ୍ତି ।

ରାମରାଜ୍ୟ କଥା ଭାବିଲେ ପ୍ରଥମେ ଆଇନ ପ୍ରଣେତା ଅପରାଧରେ ସଂଶ୍ଳିଷ୍ଟ ହେବା ଅନୁଚିତ । କିନ୍ତୁ ଲୋକ ସଭା ଏବଂ ରାଜ୍ୟ ସଭାର ୭୬୩ ସାଂସଦଙ୍କ ମଧରୁ ୪୦% ବା ୩୦୬ଜଣ ସାଂସଦଙ୍କ ବିରୋଧରେ ଆପରାଧିକ ମାମଲା ରହିଛି ବୋଲି ସେମାନେ ନିଜେ ଘୋଷଣା କରିଛନ୍ତି । ପୁନଶ୍ଚ ୨୫% ବା ୧୯୪ ସାଂସଦଙ୍କ ବିରୋଧରେ ହତ୍ୟା, ହତ୍ୟା ଉଦ୍ୟମ, ଅପହରଣ, ଅପରାଧ ଭଳି ମାମଲା ସହ ଗୁରୁତର ଅପରାଧିକ ମାମଲା ରହିଛି । ସାଂସଦଙ୍କ ହାରାହାରି ସମ୍ପତ୍ତି ୩୮.୩ କୋଟି ଟଙ୍କା ଏବଂ ୫୩% ସାଂସଦ ଅରବପତି । ପୁନଶ୍ଚ ଗାନ୍ଧିଜୀଙ୍କ ଅନୁଯାୟୀ ରାମରାଜ୍ୟରେ ଉଭୟ ରାଜକୁମାର ବା ଧନୀ ଏବଂ ଗରିବଙ୍କର ସମାନ ଅଧିକାର ରହିଥାଏ । କିନ୍ତୁ ଆଜି ଗରିବ ଓ ଧନୀ ମଧରେ ବୈଷମ୍ୟ ବୃଦ୍ଧି ପାଇଛି । କର୍ପୋରେଟ, ସେଲିବ୍ରିଟି ଏବଂ ଧନୀମାନେ ଦେଶର ସମ୍ବଳକୁ ଲୁଟ କରୁଛନ୍ତି, ବ୍ୟାଙ୍କ ଋଣ ଶୁଝୁନାହାନ୍ତି, ଟିକସ ଫାଙ୍କୁଛନ୍ତି । ଆଇନ ତାଙ୍କୁ ସ୍ପର୍ଶ କରିପାରୁ ନାହିଁ ।

ବିଶ୍ୱରେ ରୁଷିଆ ପରେ ଭାରତ ଦ୍ୱିତୀୟ ସର୍ବାଧିକ ବୈଷମ୍ୟପୂର୍ଣ୍ଣ ରାଷ୍ଟ୍ର । ବିଗତ ୧ ଦଶନ୍ଧିରେ (୨୦୧୨-୨୦୨୧) ମଧରେ ଦେଶରେ ଯେତିକି ସମ୍ପଦ ସୃଷ୍ଟି ହୋଇଛି ତା'ର ୪୦%ରୁ ଉର୍ଦ୍ଧ୍ୱ କେବଳ ଉପର ଶ୍ରେଷ୍ଠ ଧନୀ ୧% ଲୋକଙ୍କ ପାଖକୁ ଯାଇଥିବାବେଳେ ନିମ୍ନରେ ଥିବା ୫୦% ଲୋକଙ୍କ ପାଖକୁ ମାତ୍ର ୩% ସମ୍ପଦ ଯାଇଥିବା ଜଣାପଡ଼ିଛି । କରୋନା ମହାମାରୀ ସମୟରେ ଲୋକ ମୃତ୍ୟୁବରଣ କରିବା ସହ ଓ ତାଙ୍କ ଆୟ ହ୍ରାସ ଘଟିଥିଲା ଏବଂ ୧,୪୭,୪୯୨ ଜଣ ଶିଶୁ ତାଙ୍କର ବାପା ବା ମା' ବା ଉଭୟ ବାପା ଓ ମା'ଙ୍କୁ ହରାଇଥିଲେ । କିନ୍ତୁ ଏହି ସମୟରେ ଅରବପତିଙ୍କ ସମ୍ପଦ ୩୫% ବୃଦ୍ଧି ପାଇଥିଲା । 'ରାମରାଜ୍ୟ' ଅର୍ଥ ଲୋକଙ୍କ ସ୍ୱାଧୀନ ମତ ଦେବାର ଅଧିକାର ବଳବତ୍ତର ରହିବା ଅର୍ଥାତ୍ ଗଣମାଧମ ସ୍ୱାଧୀନ ଭାବେ କାର୍ଯ୍ୟକରିବା , ଯାହା ଆଜି ନିମ୍ନମୁଖୀ । ଲୋକଙ୍କ ପାଖରେ ଠିକ୍ ତଥ୍ୟ ପହଞ୍ଚୁ ନାହିଁ । ବିଶ୍ୱ ଅର୍ଥନୈତିକ ଫୋରମର ବିଶ୍ୱ ବିପଦ ରିପୋର୍ଟ ୨୦୨୪ ଅନୁସାରେ ୩୪ଟି ବିପଦ ମଧରୁ ମିଛ ତଥ୍ୟ ଓ ସୂଚନା ପ୍ରସାରଣ ଓ ପ୍ରଚାରରେ ଭାରତ ବିଶ୍ୱରେ ପ୍ରଥମ । କିନ୍ତୁ ଜନସାଧାରଙ୍କ ଗଣତାନ୍ତ୍ରିକ ଅଧିକାର ଆଜି ବିପନ୍ନ । ଚାରୋଟି ପ୍ରସିଦ୍ଧ ରିପୋର୍ଟ, ଫ୍ରିଡମ୍ ହାଉସ୍ ରିପୋର୍ଟ, ଗ୍ଲୋବାଲ ଡେମୋକ୍ରାସି ଇଣ୍ଡେକ୍ସ ଏବଂ ବିଶ୍ୱ ପ୍ରେସ୍ ଇଣ୍ଡେକ୍ସ, ଭି- ଡେମ୍ ରିପୋର୍ଟର ବିଶ୍ଳେଷଣର ଏହା ମଧ ପ୍ରତିପାଦନ ହୋଇଛି । ବାସ୍ତବରେ ଭାରତୀୟ ଗଣତନ୍ତ୍ରକୁ ତ୍ରୁଟିପୂର୍ଣ୍ଣ ଗଣତନ୍ତ୍ର ବୋଲି କୁହାଯାଉଛି ।

ନିଶ୍ଚୟ ରାମରାଜ୍ୟ ପ୍ରତିଷ୍ଠା ହେଲେ ସମସ୍ତେ ଖୁସି ହେବେ । କିନ୍ତୁ ଏହା କ'ଣ ମୁକ୍ତ ଓ ବଜାରଭିତ୍ତିକ ଅର୍ଥନୀତି, ତ୍ରୁଟିପୂର୍ଣ ତଥା ଶୋଷଣଭିତ୍ତିକ ବ୍ୟବସ୍ଥାରେ ସମ୍ଭବ ? ଯେତେବେଳେ ସମାଜ ଦିନକୁ ଦିନ ଅଧିକ କଳୁଷିତ ହେବା ସହ ଅପରାଧ, ଦୁର୍ନୀତି, ହିଂସା, ଦ୍ୱେଷ, ଲୁଣ୍ଠନ, ଠକାମି ଓ ଶୋଷଣ ବୃଦ୍ଧିପାଉଛି ; ଦିନକୁ ଦିନ ଲୋକ ବିଶେଷକରି କ୍ଷମତାଶାଳୀ, ବିତ୍ତଶାଳୀ ଅଧିକ ଗର୍ବୀ, ଅହଂକାରୀ, ସମ୍ବେଦନହୀନ ଓ ସ୍ୱାର୍ଥପର ହେଉଛନ୍ତି, ସେତେବେଳେ ଏକ ନ୍ୟାୟପୂର୍ଣ୍ଣ ବ୍ୟବସ୍ଥା ଓ ସୁସ୍ଥ ସମାଜ ଆଶା କରିବା ଅସମ୍ଭବ । ରାମରାଜ୍ୟ ପ୍ରତିଷ୍ଠା କରିବା ଏକ ମରୀଚିକା । ଆମ ଦେଶରେ ଏକ ବିଡ଼ମ୍ବନା ହେଉଛି, ଯେତେବେଳେ ମନ୍ଦିର ଭିତରେ ଧନୀ, କର୍ପୋରେଟ, ରାଜନେତା ଓ ମଧବିତ୍ତ ନିଜ ନିଜର ଉନ୍ନତି ପାଇଁ ପ୍ରାର୍ଥନା କରୁଛନ୍ତି, ସେତିକି ବେଳେ ଗରିବ, ଭିକାରୀ ମନ୍ଦିର ପାର୍ଶ୍ୱରେ ବସି ପେଟ ପାଇଁ ଭିକ୍ଷା ମାଗୁଛନ୍ତି ।

## ସର୍ବଗ୍ରାହୀ

### ମହାତ୍ମା ଗାନ୍ଧୀ



ମୋ' ପାଇଁ ହିନ୍ଦୁ ଧର୍ମ ହେଉଛି ସ୍ୱୟଂସମ୍ପୂର୍ଣ୍ଣ । ଏହାର ବୃହତ୍ ଆୟତନଟି ମଧରେ ପ୍ରତ୍ୟେକ ପ୍ରକାରର ବିଶ୍ୱାସ ସୁରକ୍ଷିତ ହୋଇ ରହିଥାଏ ।

ମୋ' ନିଜ ପତ୍ନୀ ବିଷୟରେ ମୋ'ର ଅନୁଭୂତିକୁ ବ୍ୟକ୍ତ କରିବା ଯେତିକି କଷ୍ଟକର, ହିନ୍ଦୁ ଧର୍ମ ବିଷୟରେ ମଧ ମୋ'ର ଅନୁଭୂତିଗୁଡ଼ିକୁ ବର୍ଣ୍ଣନା କରି କହିବା ସେତିକି କଷ୍ଟକର । ମୋ'ର ପତ୍ନୀ ମୋତେ ଏପରି ସଚଳ କରି ରଖିଥାଏ, ପୃଥିବୀର ଅନ୍ୟ କୌଣସି ନାରୀ ଯାହା କଦାପି କରି ପାରିବ ନାହିଁ । ତା'ର ଯେ ଆଦୌ କୌଣସି ଦୋଷ ନାହିଁ, ସେ କଥା ମୋଟେ ନୁହେଁ । ମୁଁ ତ ଏପରି ମଧ କହବି ଯେ, ମୋ' ଆଖିରେ ଯେତିକି ଦିଶୁଛି, ତା'ଠାରେ ତାହାଠାରୁ ଅଧିକ ଦୋଷ ରହିଛି । ମାତ୍ର, ଏହି କ୍ଷେତ୍ରରେ ଏପରି ଏକ ଡୋର ଲାଗିଛି ଯାହାକୁ କି ଆଦୌ ବର୍ଣ୍ଣନା କରି ହେବନାହଁ । ସେହିପରି, ହିନ୍ଦୁ ଧର୍ମରେ ମଧ ବହୁତ ଦୋଷ ଓ ବହୁତ ସୀମା ରହିଛି । ତଥାପି ହିନ୍ଦୁ ଧର୍ମ ପ୍ରତି ମୋ'ର ଏକ ଅନୁରୂପ ସଂବେଦନା ରହିଛି ।

ହିନ୍ଦୁଧର୍ମ ଆଦୌ ଏକ ବହିଷ୍କାର ଧର୍ମୀ ନୁହେଁ । ହିନ୍ଦୁଧର୍ମରେ ପୃଥିବୀର ସବୁ ପୈଗମ୍ବରଙ୍କର ଉପାସନା ଲାଗି ଯଥେଷ୍ଟ ସ୍ଥାନ ରହିଛି । ଗୋଟିଏ ପ୍ରଚାରମୂଳକ ଧର୍ମ କହିଲେ ସାଧାରଣ ଅର୍ଥରେ ଯାହା ବୁଝାଏ, ହିନ୍ଦୁଧର୍ମ ଅନେକ ଜନସମୂହଙ୍କୁ ଅନ୍ତର୍ଗତ କରି ନେଇଛି । ମାତ୍ର ଏହି ଗ୍ରହଣ କରିନେବା ଘଟଣାଟି ଏକ କ୍ରମବିବର୍ଜିତ, ଅଦୃଶ୍ୟ ରୀତିରେ ଘଟିଛି । ହିନ୍ଦୁଧର୍ମ ପ୍ରତ୍ୟେକ ବ୍ୟକ୍ତିକୁ ତା'ର ନିଜ ଧର୍ମ ଅନୁସାରେ ଈଶ୍ୱରଙ୍କର ଉପାସନା କରିବାଲାଗି ପରାମର୍ଶ ଦେଇଥାଏ ଏବଂ ତେଣୁ ସକଳ ଧର୍ମସହିତ ତାହା ଶକ୍ତିରେ ବାସ କରେ ।

ଯେତେବେଳେ ମୁଁ ସେପରି ଏକ ପଦକ୍ଷେପ ଗ୍ରହଣ କରିବାର ସତ୍ୟ ତଥା ଆବଶ୍ୟକତାଟିକୁ ଅନୁଭବ କରିବି, ସେତେବେଳେ ପୃଥିବୀର କୌଣସି ଶକ୍ତି ମୋତେ ଖ୍ରୀଷ୍ଟିଆନ୍ ଧର୍ମ ଅଥବା ଅନ୍ୟ କୌଣସି ଧର୍ମ ଗ୍ରହଣ କରିବାରୁ କଦାପି ନିବୃତ୍ତ କରି ରଖି ପାରିବନାହିଁ । ଯେଉଁଠାରେ ଭୟ ରହିଥାଏ, ସେଠାରେ ଧର୍ମ ବୋଲି କିଛି ନଥାଏ ।... ବାଇବେଲ୍ କିମ୍ବା କୋରାନ୍‌କୁ ମୁଁ ଯେପରିଭାବରେ ଅର୍ଥ କରୁଛି, ସେହି ଅନୁସାରେ ଯଦି ମୁଁ ଆପଣାକୁ ଜଣେ ଖ୍ରୀଷ୍ଟିଆନ୍ ଅଥବା ଜଣେ ମୁସଲମାନ ବୋଲି କହିବି, ତେବେ ସେହିପରି କହିବାରେ ମୁଁ ଆଦୌ କୌଣସି କୁଣ୍ଠାବୋଧ କରିବି ନାହିଁ । କାରଣ ସେତେବେଳେ ହିନ୍ଦୁ, ଖ୍ରୀଷ୍ଟିଆନ୍ ଓ ମୁସଲମାନ, ଏହି ଶବ୍ଦଗୁଡ଼ିକ ଏକାର୍ଥବୋଧକ ହୋଇଯିବ । ମୋ'ର ଦୃଢ଼ ବିଶ୍ୱାସ ଯେ, ପରଲୋକର ପୃଥିବୀରେ ନେହି ହିନ୍ଦୁ ନଥିବେ, ଖ୍ରୀଷ୍ଟିଆନ୍ ନ ଥିଲେ ଅଥବା ମୁସଲମାନ ମଧ ନଥିବେ । ସେଠାରେ ମାର୍କା ଦେଇ ନୁହେଁ, କିମ୍ବା ଧର୍ମ ଦେଇ କାହାର ବିଚାର କରାଯାଏ ନାହିଁ । ସେମାନଙ୍କର ଧର୍ମ ଯାହା ଥାଉ ପଛକେ, କର୍ମ ଦ୍ୱାରା ସେମାନଙ୍କର ବିଚାର ହୁଏ । ଆମର ଏହି ପାର୍ଥିବ ଜୀବନର ଅବଧି ମଧରେ ଏହି ମାର୍କାଗୁଡ଼ିକ ସର୍ବଦା ରହିଥିବ । ତେଣୁ ଏହା ଦ୍ୱାରା ସେ ପର୍ଯ୍ୟନ୍ତ ମୋ'ର ଅଭିବୃଦ୍ଧି ବାଧାପ୍ରାପ୍ତ ନହୋଇଛି ଏବଂ ଯେଉଁଠାରେ ଯାହା କିଛି ଭଲ ରହିଛି, ତାହାକୁ ଗ୍ରହଣ କରିନେବାରେ ଏହା ଯେ ପର୍ଯ୍ୟନ୍ତ ମୋତେ ବଞ୍ଚିତ ନ କରିଛି, ସେ ପର୍ଯ୍ୟନ୍ତ ମୋ' ପୂର୍ବପୁରୁଷମାନଙ୍କର ମାର୍କାଟିକୁ ରଖିବା ଲାଗି ମୁଁ ଅବଶ୍ୟ ଅଧିକ ଉଚିତ୍ ବୋଲି ମନେ କରିବି ।

ମୁଁ ନିଜକୁ ଜଣେ ସନାତନୀ ହିନ୍ଦୁ ବୋଲି କହିବା ବେଳେ ମୋ' ବନ୍ଧୁମାନେ ଭାରି ଗୋଳମାଳରେ ପଡ଼ିଯାଆନ୍ତି ବୋଲି ମୁଁ ଜାଣିଛି । ସନାତନୀ ହିନ୍ଦୁ କହିଲେ ଲୋକମାନଙ୍କ ଠାରେ ଯେଉଁ ସବୁ କଥା ନିଶ୍ଚୟ ରହିଥିବ ବୋଲି ଅନୁମାନ କରାଯାଏ, ସେମାନେ ମୋ' ଭିତରେ ସେଗୁଡ଼ିକୁ ଦେଖାପାରନ୍ତି ନାହିଁ । କିନ୍ତୁ ତାହାର କାରଣ ହେଉଛି ଯେ, ମୁଁ ଜଣେ ନିଷ୍ଠାପର ହିନ୍ଦୁ ହୋଇ ଥିଲେ ମଧ ମୋ'ର ଧର୍ମ-ବିଶ୍ୱାସ ମଧରେ ମୁଁ ଖ୍ରୀଷ୍ଟିଆନ୍, ଇସଲାମିକ୍ ତଥା ଜାରାଥୁଷ୍ଟ୍ରୀୟ ଧର୍ମ ବଚନଗୁଡ଼ିକ ନିମନ୍ତେ ମଧ ସ୍ଥାନ ରଖିଥାଏ । ସେଥିଲାଗି ମୋ'ର ହିନ୍ଦୁ ଧର୍ମ କେତେକ ବ୍ୟକ୍ତିକୁ ସତେ ଅବା ଗୋଟିଏ ମିଶାମିଶି ଖେଚୁଡ଼ି ପରି ବୋଧ ହୋଇଥାଏ ଓ ସେମାନଙ୍କ ମଧରୁ କେତେ ମୋତେ ବିଭିନ୍ନ ଧର୍ମର ଅନୁଗାମୀ ବୋଲି କହି ଅପବାଦ ମଧ ଦେଇଛନ୍ତି । ହଁ, ଜଣେ ବ୍ୟକ୍ତି ବିଭିନ୍ନ ଧର୍ମରୁ ଗ୍ରହଣ କରୁଛି ବୋଲି କହିବାବେଳେ ତା' ନିଜର ପ୍ରକୃତରେ କୌଣସି ସ୍ୱତନ୍ତ୍ର ଧର୍ମ ନାହିଁ ବୋଲି ଅନେକ ବୁଝିଥାନ୍ତି । ମାତ୍ର ମୋ' ଧର୍ମ ହେଉଛି ଏକ ପ୍ରଶସ୍ତ ଧର୍ମ, ଯାହାକି ଖ୍ରୀଷ୍ଟିଆନ୍ ଧର୍ମର, ଏପରିକି ଜଣେ ପ୍ଲାଇମାଉଥ୍ ସମ୍ପ୍ରଦାୟର ବ୍ୟକ୍ତିର ମଧ ବିରୋଧାଚରଣ କରେନାହିଁ ; ତାହା ଜଣେ ଅତି କଠୋରମାର୍ଗୀ ମୁସଲମାନର ବି ବିରୋଧାଚରଣ କରେନାହିଁ । ଏକ ଯଥା ସମ୍ଭବ ଅଧିକ ପ୍ରଶସ୍ତ ସହନଶୀଳତାର ଭୂମି ଉପରେ ଏହି ଧର୍ମ ପ୍ରତିଷ୍ଠିତ ରହିଛି । କୌଣସି ମନୁଷ୍ୟର ଧର୍ମାନ୍ଧତା ପ୍ରଣୋଦିତ କାର୍ଯ୍ୟଗୁଡ଼ିକ ପାଇଁ ମୁଁ ତାକୁ କଦାପି ଗାଳି ଦେବିନାହିଁ କାରଣ ମୁଁ ତା' ନିଜ ଦୃଷ୍ଟିରୁ ହିଁ ତା'ର ସେହି କାର୍ଯ୍ୟଗୁଡ଼ିକୁ ଦେଖିବାକୁ ଚେଷ୍ଟା କରୁଥାଏ । ଏହିପରି ଏକ ପ୍ରଶସ୍ତ ଧର୍ମଦୃଷ୍ଟି ମୋତେ ପ୍ରକୃତରେ ବଞ୍ଚାଇ ରଖିଛି । ମୁଁ ଜାଣିଛି ଯେ, ଏପରି ଏକ ସ୍ଥିତି ହେଉଛି ଏକ ବିବ୍ରତକାରୀ ସ୍ଥିତି ; ମାତ୍ର ତାହା ଅନ୍ୟମାନଙ୍କୁ ବିବ୍ରତ କରୁଛି, ମୋତେ ନୁହେଁ ।

ସକଳ ଜୀବନ (କେବଳ ମନୁଷ୍ୟମାନେ ନୁହନ୍ତି ସଚେତନ ସବୁ ସତ୍ତା) ହେଉଛି ଗୋଟିଏ । ଅର୍ଥାତ୍ ତୁମେ ସେହି ଅଦ୍ୱିତୀୟ ବିଶ୍ୱନିଦାନଙ୍କୁ ଆଲ୍ଲା, ଭଗବାନ କିମ୍ବା ପରମେଶ୍ୱର ଯାହା କହ ପଛକେ, ତାଙ୍କରିଠାରୁ ହିଁ ସମସ୍ତ ଜୀବନର ଉଦ୍‌ଭବ ହୋଇଛି, ଏହି ପ୍ରକୃତ ବିଶ୍ୱାସଟିକୁ ପୋଷଣ କରିବା ହେଉଛି ହିନ୍ଦୁ ଧର୍ମର ପ୍ରଧାନ ତାତ୍ପର୍ଯ୍ୟ ।

ମୋ' ହିନ୍ଦୁ ଧର୍ମରେ କୌଣସି ସାମ୍ପ୍ରଦାୟିକତା ନାହିଁ । ଇସ୍‌ଲାମ, ଖ୍ରୀଷ୍ଟିଆନ୍ ଧର୍ମ, ବୌଦ୍ଧ ଧର୍ମ ଓ ଜାରାଥୁଷ୍ଟ୍ରୀୟ ଧର୍ମରେ ଯାହାକିଛି ସର୍ବୋତ୍ତମ ରହଛି, ବୋଲି ମୋତେ ଜଣା ଅଛି, ହିନ୍ଦୁ ଧର୍ମରେ ତାହା ଅନ୍ତର୍ଗତ ହୋଇ ରହିଛି ।... ସତ୍ୟ ହେଉଛି ମୋ'ର ଧର୍ମ ଏବଂ ଅହିଂସା ହେଉଛି ତାହାକୁ ଉପଲବ୍ଧି କରିବାର ଏକମାତ୍ର ମାର୍ଗ । ତରବାରୀର ମାର୍ଗଟିକୁ ମୁଁ ଚିରକାଳ ଲାଗି ବର୍ଜନ କରି ଦେଇଛି ।

ଆପଣାର ଅହିଂସା -ସନ୍ଦେଶଟି ସହିତ ମୋ' ମତରେ ହିନ୍ଦୁ ଧର୍ମ ହେଉଛି ପୃଥିବୀରେ ସବୁଠାରୁ ଅଧିକ ଗୌରବମୟ ଧର୍ମ ମୋ' ନିଜର ପତ୍ନୀ ଯେପରି ମୋ'ଲାଗି ସମଗ୍ର ପୃଥିବୀରେ ସବୁଠାରୁ ଅଧିକ ସୁନ୍ଦରୀ ଜଣେ ରମଣୀ, ଠିକ୍ ସେହିପରି । ମାତ୍ର, ଅନ୍ୟମାନେ ମଧ ସେମାନଙ୍କର ନିଜନିଜ ଧର୍ମ ବିଷୟରେ ହୁଏତ ତାହା ହିଁ ଅନୁଭବ କରୁଥିବେ ।

ଅହିଂସାର ନୀତିଟି ହେଉଛି ଭାରତବର୍ଷର ସଂସ୍କୃତିକୁ ହିନ୍ଦୁ ଧର୍ମର ସବୁଠାରୁ ଅଧିକ ସ୍ୱତନ୍ତ୍ର ଓ ଅଧିକ ବୃହତ୍ ଅବଦାନ । ବିଗତ ତିନିହଜାର ବର୍ଷରୁ ଅଧିକ କାଳ ଧରି ହିନ୍ଦୁ ଧର୍ମ ଏହି ଦେଶରେ ଇତିହାସକୁ ଏକ ନିର୍ଦ୍ଦିଷ୍ଟ ବିଶେଷତା ପ୍ରଦାନ କରି ଆସିଛି ଏବଂ ଏବେ ମଧ ଭାରତର କୋଟି କୋଟି ନରନାରୀଙ୍କର ଜୀବନରେ ତାହା ଏକ ଜୀବନ୍ତ ସଚଳ ଶକ୍ତି ହୋଇ ରହିଛି । ଏହା ହେଉଛି ଏକ ସଦା ବିକାଶଶୀଳ ଧର୍ମ, ଏବେ ମଧ ତାହାର ସନ୍ଦେଶ ଆପଣାକୁ ବିତରିତ କରିବାରେ ଲାଗିଛି । ତାହାର ଶିକ୍ଷାଟି ଆମ ଜାତିର ଏତେ ଅଧିକ ଗଭୀରକୁ ଭେଦ କରି ରହିଛି ଯେ, ଭାରତବର୍ଷରେ ଏକ ସଶସ୍ତ୍ର ବିଦ୍ରୋହ ଘଟିବା ପ୍ରାୟ ଏକ ଅସମ୍ଭବ ଘଟଣା ହୋଇ ରହିଛି । ଅନେକେ ଯେପରି କହିବାକୁ ମନ କରିବେ, ଏକ ଜାତି ହିସାବରେ ଆମେ ଶାରୀରିକ ଦୃଷ୍ଟିରୁ ଦୁର୍ବଳ ବୋଲି ଯେ ଏକଥା ହୋଇଛି ତାହା ନୁହେଁ କାରଣ ଜଣେ ମଣିଷକୁ ଗୁଳି କରି ମାରିଦେବା ସକାଶେ ଶାରୀରିକ ବଳ ଅପେକ୍ଷା ବନ୍ଧୁକର ଟିପାଟିକୁ ଟିପି ଦେବାରେ ଏକ ମନ୍ଦ ଇଚ୍ଛାର ହିଁ ଅଧିକ ପ୍ରୟୋଜନ ରହିଛି । ଏପରି ହୋଇଛି, କାରଣ ଭାରତବର୍ଷରେ ଅହିଂସାର ପରମ୍ପରାଟି ଲୋକମାନଙ୍କର ଜୀବନ ଭିତରକୁ ବହୁ ଗଭୀରକୁ ଚେର ମଡ଼ାଇ ରହିଛି ।

# ସ୍ୱର୍ବେଦ

**ସଦ୍‌ଗୁରୁ କୀ ନିନ୍ଦା କରେ, ଶ୍ରୱଣ ସୁନେ ଅପୱାଦ ।**
**ନିନ୍ଦକ ଭୱ ୟୋନୀ ରହୈ, ଜବତକ କାଲ ୱିୱାଦ ॥୨୨॥**

ଭାଷ୍ୟ - ସଦ୍‌ଗୁରୁଙ୍କର ନିନ୍ଦୁକ ଏବଂ ତାଙ୍କର ନିନ୍ଦାର ଶ୍ରୋତା - ଏ ଦୁହେଁ ସେତେବେଳ ପର୍ଯ୍ୟନ୍ତ ମନୁଷ୍ୟେତର ନିର୍ଯ୍ୟକ୍ ଯୋନି ପ୍ରାପ୍ତ ହୋଇଥାନ୍ତି, ଯେତେବେଳ ପର୍ଯ୍ୟନ୍ତ କାଳଚକ୍ରର ସୃଷ୍ଟି ପ୍ରବାହ ଚାଲିଥାଏ ।

**ଉତ୍ତର ପର ଉତ୍ତର କରେ, ଗୁରୁ ଆଜ୍ଞା କର ଭଙ୍ଗ ।**
**ଗୁରୁ ସେ କର ଅଭିମାନ ୱେ, ଭାୱ କାଲ କା ରଙ୍ଗ ॥୨୩॥**

ଭାଷ୍ୟ - ଉତ୍ତର ପ୍ରତ୍ୟୁତ୍ତର କରୁଥିବା ଏବଂ ଅବଜ୍ଞା କରୁଥିବା ଅଭିମାନୀ ଶିଷ୍ୟ କାଳସ୍ୱରୂପ ଅଟନ୍ତି । ତାହାର ଅଧୋପତନ ଘଟେ ଏବଂ ଜୀବନ ଦୁଃଖମୟ ହୋଇଯାଏ । ମନ ଓ ଆତ୍ମାକୁ କଦାପି ଶାନ୍ତି ପ୍ରାପ୍ତ ହୁଏନାହିଁ । ସଦ୍‌ଗୁରୁଙ୍କର ଆଜ୍ଞା, ନିୟମ ଏବଂ ଧର୍ମର ମର୍ଯ୍ୟାଦାରେ ରହି ଜୀବନ ସୁଧାର କରି ନିଜର ବିକାଶର ପ୍ରୟନ୍ନ କରିବା ଉଚିତ ।




**ଅଚଲ ହିମାଲୟ ସମ ରହେ, ୱିଘ୍ନ ଆୟ ଅରୁ ଜାୟ ।**
**ଉଦ୍‌ୱିଗ୍ନ ନହିଁ ଦୃଢ଼ ରହେ, ଧୀର ସ୍ୱଭାୱ କହାୟ ॥୨୪॥**

ଭାଷ୍ୟ - ସଂକଟ ଅଥବା ବିପତ୍ତିରେ ହିମାଳୟ ସଦୃଶ ସ୍ଥିର ହୋଇ ଦୃଢ଼ ରହନ୍ତୁ । ଯେତେ ବିଘ୍ନ ଆସୁ ପଛକେ ଉଦ୍‌ବିଗ୍ନ ହୁଅନ୍ତୁ ନାହିଁ । ଧୈର୍ଯ୍ୟବାନ ପୁରୁଷଙ୍କର ସ୍ୱଭାବ ଏଭଳି ବୋଲି ଏହି ଦୋହାରେ କୁହାଯାଇଛି ।

**ଆପତ୍ତି ମେଁ ଧୀରଜ ଧରେ, ୟହ ଅମୂଲ୍ୟ ଗୁଣ ଜାନ ।**
**ଶୀଲ ଶାନ୍ତି ସେ କାମ ଲେ, ୟହ ଗୁରୁ ନୀତି ମହାନ୍ ॥୨୫॥**

ଭାଷ୍ୟ - ବିପତ୍ତି ବେଳେ ଧୈର୍ଯ୍ୟଶୀଳ ଗୁଣକୁ ଧାରଣ କରିବା ଉତ୍ତମ ଅଟେ । ଧୀରସ୍ଥିର ଏବଂ ଶାନ୍ତିରେ ରହି, ନିଜ ମର୍ଯ୍ୟାଦାର ରକ୍ଷାକରି ଲକ୍ଷ୍ୟକୁ ପ୍ରାପ୍ତ କରିବା ଉଚିତ । ଏହା ସଦ୍‌ଗୁରୁଙ୍କର କଲ୍ୟାଣପ୍ରଦ, ଉତ୍ତମ ଉପଦେଶ ଅଟେ ।

**ଆସନ ତୀନ ପ୍ରକାର କା, ତନ ମନ ଆତମ ଜାନ ।**
**ୱେତ୍ତା ତୀନୋଁ ଭେଦ କା, ସୋ ରହସ୍ୟ ଗମ ଜ୍ଞାନ ॥୨୬॥**

ଭାଷ୍ୟ - ଶରୀର, ମନ ଓ ଆତ୍ମା - ଏ ତିନୋଟିର ତିନି ପ୍ରକାର ଆସନ ହୋଇଥାଏ । ଏହି ତିନୋଟିର ରହସ୍ୟ ଭେଦ ଗମନର ଜ୍ଞାତା ପୂର୍ଣ୍ଣ ବେତ୍ତା ହୋଇଥାନ୍ତି । ଏ ତିନିଙ୍କର ରହସ୍ୟ ଭେଦ ଗମନ ଭିନ୍ନ ଭିନ୍ନ ହୋଇଥାନ୍ତି ।

**ଅଷ୍ଟ ଚକ୍ର ଇସ ଦେହ ମେଁ, ଜାସେ ତନ ସଂଚାଲ ।**
**ଚକ୍ର ବୋଧ ୟୋଗୀ କରେଁ, ଜାନେ ଅନ୍ତର ହାଲ ॥୨୭॥**

ଭାଷ୍ୟ - ଏହି ଶରୀର ଭିତରେ ଅଷ୍ଟ ଚକ୍ର ରହିଛନ୍ତି, ଯାହାଙ୍କ ଦ୍ୱାରା ଏ ଶରୀରର ସଂଚାଳନ ହୋଇଥାଏ । ଏହି ଚକ୍ରଗୁଡ଼ିକର ଜ୍ଞାନ ଯୋଗୀମାନଙ୍କୁ ହୋଇଥାଏ ଆଉ ସେମାନେ ଏହି ଅନ୍ତର ସ୍ଥିତି ବିଷୟରେ ଜାଣିଥାନ୍ତି ।

**ଆଜ୍ଞା ସ୍ୱାଧିଷ୍ଠାନ ହୈ, ମଣିପୂରକ କୋ ଜାନ ।**
**ମୂଲାଧାର ୱିଶୁଦ୍ଧ ହୈ, ଚକର ଅନାହତ ମାନ ॥୨୮॥**

ଭାଷ୍ୟ - ମୂଳାଧାର, ସ୍ୱାଧିଷ୍ଠାନ, ମଣିପୂରକ, ଅନାହତ, ବିଶୁଦ୍ଧ ଆଉ ଆଜ୍ଞା - ଏସବୁ ଅଷ୍ଟ ଚକ୍ର ଅଟନ୍ତି । ଚକ୍ରମାନଙ୍କ ବିଷୟରେ ପରବର୍ତ୍ତୀ ଦୋହାରେ ବର୍ଣ୍ଣନା କରାଯାଇଛି । ଏସବୁକୁ ମିଶେଇ ଆଠଟି ଚକ୍ର ଅଛନ୍ତି, ଯାହାର ଜ୍ଞାନ ଯୋଗୀମାନଙ୍କୁ ହୋଇଥାଏ ।

**ଚକ୍ର ବ୍ରହ୍ମ ରନ୍ଧ୍ରାଖ୍ୟ ହୈ, ସହସରାର ତତ୍ତ୍ୱ ଜ୍ଞାନ ।**
**ଗୂଢ଼ ତତ୍ତ୍ୱ ଗମ ୟୋଗ ହୈ, ଚକ୍ର ଭେଦ ୱିଜ୍ଞାନ ॥୨୯॥**

ଭାଷ୍ୟ - ଉପରୋକ୍ତ ଦୋହାରେ ଛଅଗୋଟି ଚକ୍ର ସମ୍ପର୍କରେ ଉଲ୍ଲେଖ କରାଯାଇଛି ଏବଂ ଏହି ଦୋହାରେ ବ୍ରହ୍ମରନ୍ଧ୍ରାଖ୍ୟ ଆଉ ସହସ୍ରାର ବର୍ଣ୍ଣନା କରାଯାଇଛି । ଏହି ଚକ୍ରଗୁଡ଼ିକର ଗୂଢ଼ଭେଦ ଜ୍ଞାନ ଯୋଗ ଦ୍ୱାରା ପ୍ରତ୍ୟକ୍ଷ କରାଯାଇଛି ।

# ସକାରାତ୍ମକ ବିଚାର ଦ୍ୱାରା...

ଅବଶିଷ୍ଟାଂଶ ତୃତୀୟ ପୃଷ୍ଠାରେ

ସଫଳତାର ମାର୍ଗ ଏହାର ବିପରୀତ ହୋଇଥାଏ । ସଫଳତାର ମୂଲ୍ୟାଙ୍କନ ଦୁଇଟି ଦୃଷ୍ଟିରୁ କରାଯାଏ, ଗୋଟିଏ ବ୍ୟକ୍ତିତ୍ୱ ବିକାଶ ରୂପେ ଏବଂ ଦ୍ୱିତୀୟଟି ଉପଲବ୍ଧିଗୁଡ଼ିକ ରୂପେ । ଜୀବନରେ ଏହି ଦୁଇଟି ମାନଦଣ୍ଡକୁ ପୂର୍ଣ୍ଣ କରିବାର ଏକମାତ୍ର ସର୍ତ୍ତ ହେଉଛି – ବ୍ୟକ୍ତି ପ୍ରତ୍ୟେକ ଦୃଷ୍ଟିକୋଣରୁ ସକାରାତ୍ମକ ହୋଇ ରହିବା ।

ସକାରାତ୍ମକତା କାରଣରୁ ହିଁ ଜୀବନର ପ୍ରତ୍ୟେକ ଆହ୍ୱାନ, ପ୍ରତ୍ୟେକ ସଂଘର୍ଷର ପରିଣାମ ବିଜୟ ହୋଇଥାଏ । ପ୍ରତ୍ୟେକ ପ୍ରୟାସ ଓ ପୁରୁଷାର୍ଥର ଦିଶା ଉପଯୁକ୍ତ ହୋଇଥାଏ । ବ୍ୟକ୍ତିତ୍ୱ ବିକଶିତ ଓ କ୍ଷମତାବାନ୍ ହେବାକୁ ଲାଗେ । ସକାରାତ୍ମକତାର ମୂଳଦୁଆ ଆଧାରରେ ଅଗଣିତ ଚମତ୍କାର ଜୀବନର ଧରାତଳରେ ପ୍ରକଟ ହେବାକୁ ଲାଗେ । ଜୀବନର ସୂକ୍ଷ୍ମ ବିଜ୍ଞାନକୁ ଆମର ପ୍ରାଚୀନ ଋଷି-ମୁନିଗଣ ଭଲ ଭାବେ ବୁଝିଥିଲେ, ତେଣୁ ସେମାନେ ମନୁଷ୍ୟ ଜୀବନର ପ୍ରତ୍ୟେକ ପକ୍ଷରେ ସକାରାତ୍ମକତା ବଜାୟ ରଖିବାର ପ୍ରକ୍ରିୟା-ପ୍ରେରଣାଗୁଡ଼ିକୁ ସମାହିତ କରିଥିଲେ ।

ଜପ, ତପ, ଯୋଗ, ସ୍ୱାଧ୍ୟାୟ, ସାଧନା, ଉପାସନା, ଭଜନ, କୀର୍ତ୍ତନ ଭଳି ଅନେକ ଟେକ୍‌ନିକ୍‌କୁ ଦୈନିକ ଜୀବନଚର୍ଯ୍ୟାରେ ଯୋଡ଼ି ଆମର ଋଷିମାନେ ଆଦର୍ଶ ଜୀବନ ପଦ୍ଧତିର ନିର୍ମାଣ କରିଥିଲେ । ଏଥିରେ ଏପରି ଜୀବନ ସୂତ୍ର ସବୁ ମହଜୁଦ ଅଛି, ଯାହା ବ୍ୟକ୍ତିକୁ କଠିନରୁ କଠିନ ପରିସ୍ଥିତି, ଆହ୍ୱାନ ଓ ସଂଘର୍ଷଗୁଡ଼ିକ ମଧ୍ୟରେ ବି ସକାରାତ୍ମକ ରଖିଥାଏ, ପରନ୍ତୁ ଦୁର୍ଭାଗ୍ୟରୁ ମନୁଷ୍ୟ ଏପରି ଆଦର୍ଶ ଜୀବନ ପଦ୍ଧତି ଏବଂ ଜୀବନ ସୂତ୍ରଗୁଡ଼ିକୁ ଅଣଦେଖା କରି ଆଧୁନିକ ଭୋଗବାଦୀ ଭୌତିକବାଦୀ ଜୀବନ ଶୈଳୀକୁ ଆପଣାଇ ସ୍ୱୟଂ ହିଁ ନକାରାତ୍ମକତା ଉତ୍ପନ୍ନ କରୁଥିବା କାରକଗୁଡ଼ିକ ସହିତ ଯୋଡ଼ି ହୋଇଯାଏ ।

ଜୀବନରେ ସଫଳତା ଓ ସୁଖ, ଶାନ୍ତି, ପ୍ରସନ୍ନତା ପ୍ରାପ୍ତିରେ ସକାରାତ୍ମକତାର ହିଁ ମୁଖ୍ୟ ଭୂମିକା ଥାଏ ଏବଂ ସକାରାତ୍ମକତାକୁ ସତତ କାଏମ ରଖିବା ପାଇଁ ଏକ ବିଶେଷ ଜୀବନଦୃଷ୍ଟି ଓ ଜୀବନ ପଦ୍ଧତି ଆବଶ୍ୟକ ହୋଇଥାଏ । ଆମର ଦେବ ସଂସ୍କୃତିର ଉତ୍ତରାଧିକାରରେ ଏ ଦୁଇଟି ମହଜୁଦ ଅଛି । ଏ ଦୁଇଟିକୁ ଜୀବନରେ ଉତାରିବା ଓ ସାକାର କରିବାର ଆବଶ୍ୟକତା ରହିଛି ସ୍ୱାର୍ଥ, ଅହଂ ଓ ଭୋଗରେ ଲିପ୍ତ ଜୀବନ ଶୀଘ୍ର ନକାରାତ୍ମକତାରେ ଭରିଯାଏ ଏବଂ ଶେଷରେ ଅନେକ ସମସ୍ୟା ଓ ଦୁଃଖର ପର୍ଯ୍ୟାୟ ହୋଇଯାଏ ।

ନକାରାତ୍ମକତାରେ ଯୁକ୍ତ ଜୀବନ ଏକ ଅଭିଶାପ ଭଳି ହୋଇଯାଏ । ଏପରି ଅଭିଶାପର ସ୍ଥିତିରୁ ରକ୍ଷା ପାଇବାର ଉପାୟ ହେଉଛି ଜୀବନକୁ ସାର୍ଥକ ଉଦ୍ଦେଶ୍ୟ ଓ ଆଦର୍ଶ ଜୀବନ ପଦ୍ଧତିର ଅନୁଶାସନ ଅନୁସାର ଯାପନ କରିବା । ସତର୍କତା ପୂର୍ବକ ସ୍ୱୟଂକୁ ନିରୀକ୍ଷଣ କରନ୍ତୁ ଯେ ବ୍ୟକ୍ତିତ୍ୱର କୌଣସି ସ୍ତରରେ, କୌଣସି ରୂପରେ ନକାରାତ୍ମକତା ଉତ୍ପନ୍ନ ହେଉ ନାହିଁ ତ ? ମନୋଭାବ ଗୁଡ଼ିକ ମଧ୍ୟରେ ହୀନ ଭାବନା, ନିରାଶା, ଈର୍ଷା, ଦ୍ୱେଷ, ଅସନ୍ତୋଷ, ଭୟ, ଶଙ୍କା, ଅପମାନିତ ହେବା, ତୁଳନା କରିବା, ଦୁର୍ବଳତା ଖୋଜିବା, ଦୋଷ–ନିନ୍ଦାର ପ୍ରବୃତ୍ତ ଭଳି ଅନେକ ଲକ୍ଷଣ ଅଛି, ଯାହା ମାଧ୍ୟମରେ ଭିତରର ନକାରାତ୍ମକତାର ପରିଚୟ ମିଳିଥାଏ । ଏଥିରୁ ରକ୍ଷା ପାଇବାର ସରଳତମ ଉପାୟ ହେଉଛି ଜୀବନରେ ସକାରାତ୍ମକତାର ଅବଲମ୍ବନ କରିବା ।

ମନଃସ୍ଥିତି ହିଁ ପରିସ୍ଥିତି ଗୁଡ଼ିକର ନିର୍ମାଣ କରିଥାଏ, ଏଣୁ ସର୍ବପ୍ରଥମେ ମନଃସ୍ଥିତିକୁ ସକାରାତ୍ମକ କରିବାର ଉପାୟ କରିବା ଉଚିତ । ଏହି ଉପାୟ ନିୟମିତ ଉପାସନା, ଧ୍ୟାନ, ଯୋଗ, ଜପ, ସ୍ୱାଧ୍ୟାୟ ଆଦି କୌଣସି ବି ରୂପରେ ହୋଇପାରେ । ନିଜ ପ୍ରତି ଜାଗରୂକତା ବଜାୟ ରଖିବା ପାଇଁ ଆତ୍ମବୋଧ ଓ ତତ୍ତ୍ୱବୋଧର ସାଧନା ହିଁ ସର୍ବୋତ୍ତମ ଜୀବନ ସୂତ୍ର ।

ଏହା ସହିତ କେତେକ ବିଶେଷ କଥାର ଅଭ୍ୟାସ ନିଜର ସକାରାତ୍ମକତାକୁ ସ୍ଥାୟୀତ୍ୱ ପ୍ରଦାନ କରିବାରେ ସହାୟକ ହୋଇଥାଏ, ଯଥା- ଅନ୍ୟମାନଙ୍କୁ ପ୍ରୋତ୍ସାହିତ କରିବା, ନିଜର ତଥା ଅନ୍ୟମାନଙ୍କର ଦୁର୍ବଳତାକୁ ସ୍ୱୀକାର କରି ଭଲ ଗୁଣଗୁଡ଼ିକ ଉପରେ ଧ୍ୟାନ କେନ୍ଦ୍ରିତ କରିବା, ସ୍ଖଳଗୁଡ଼ିକ ପାଇଁ ନିଜକୁ କ୍ଷମା କରିବା, ଅନ୍ୟ କାହା ସହିତ ନିଜକୁ ତୁଳନା ନ କରିବା, ନିଜର ସାମର୍ଥ୍ୟ ଓ କ୍ଷମତାଗୁଡ଼ିକ ଉପରେ ବିଶ୍ୱାସ କରିବା, ନକାରାତ୍ମକ ଲୋକ ଓ ପରିବେଶ ଠାରୁ ନିଜକୁ ଦୂରେଇ ରଖିବା, ବ୍ୟବହାର ଏବଂ ଚିନ୍ତନରେ ଉଦାରତା ଓ ସହିଷ୍ଣୁତା ବଜାୟ ରଖିବା, ସମସ୍ୟା-ଆହ୍ୱାନଗୁଡ଼ିକ ସମ୍ମୁଖରେ ପୂର୍ଣ୍ଣ ଆତ୍ମବିଶ୍ୱାସ ପୂର୍ବକ ଠିଆ ହେବା, ଅନ୍ୟମାନଙ୍କ ସହଯୋଗ ଓ ସେବାର ଅବସରକୁ ସୌଭାଗ୍ୟ ବୋଲି ବୁଝିବା, ନିଜର ନିର୍ଦ୍ଧାରିତ କର୍ତ୍ତବ୍ୟଗୁଡ଼ିକ ପ୍ରତି ସଚ୍ଚୋଟ ରହିବା ଦରକାର, କହିବା ବେଳେ ସର୍ବଦା ସକାରାତ୍ମକ ଓ ଉତ୍ତମ ଶବ୍ଦଗୁଡ଼ିକର ଚୟନ କରିବା, ଜୀବନରେ ଘଟୁଥିବା ଉତ୍ତମ କଥା- ଅନୁଭବଗୁଡ଼ିକ ପାଇଁ ନିଜ ପ୍ରତି ତଥା ଈଶ୍ୱରଙ୍କ ପ୍ରତି କୃତଜ୍ଞତା ପ୍ରକଟ କରିବା ଆଦି ।

ଆଉ ଗୋଟିଏ କଥାକୁ ଆମେ ଭଲ ଭାବେ ବୁଝିନେବା ଉଚିତ ଯେ ସକାରାତ୍ମକତା ରହିବା ଏକ ଉତ୍ତମ ଓ ଆଦର୍ଶ ବ୍ୟକ୍ତିତ୍ୱର ବିଶେଷତା, ପରନ୍ତୁ ଏହା କୌଣସି ଯାଦୁ ବା ଚମତ୍କାରୀ କ୍ଷମତା ନୁହେଁ ଯେ ଏହା ରହିବା ଦ୍ୱାରା ଜୀବନରେ କଷ୍ଟ-କଠିନତା, ସଂଘର୍ଷଗୁଡ଼ିକ ଆସିବା ବନ୍ଦ ହୋଇଯିବ ଏବଂ ସବୁ ପରିସ୍ଥିତି ଓ ଲୋକ ଆମର ଅନୁକୂଳ ହୋଇଯିବେ, ଏପରି କଦାପି ହୋଇ ନଥାଏ । କଷ୍ଟ-କଠିନତା, ଆହ୍ୱାନ, ସଂଘର୍ଷ ସବୁ କିଛି ଜୀବନରେ ଖରା-ଛାଇ ରୂପେ, ଉତ୍ଥାନପନ-ପତନ ରୂପେ ଆସିବ ହିଁ ଆସିବ । ବାସ୍ ସକାରାତ୍ମକତା ବଜାୟ ରଖିବା ଦ୍ୱାରା ଏସବୁ ଆମର କ୍ଷମତା ଓ ସାମର୍ଥ୍ୟକୁ ବଢ଼ାଉଥିବାର ଅବସର – ସୋପାନଗୁଡ଼ିକରେ ପରିବର୍ତ୍ତିତ ହେବାରେ ଲାଗିବ ଏବଂ ଜୀବନ ନିରନ୍ତର ପ୍ରଖରତା, ଉତ୍କୃଷ୍ଟତା ଓ ସାର୍ଥକତା ଦିଗରେ ଆଗକୁ ବଢ଼ି ଚାଲିବ ।

# ସୁନିଦ୍ରା ଦିଏ କିଡ଼ନୀକୁ ସୁରକ୍ଷା



ଆମର ଆଧୁନିକ ଜୀବନଶୈଳୀ, ଖାଦ୍ୟପେୟରେ ଅନିୟମିତତା ତଥା ବିଶ୍ରାମର ଅଭାବ ସିଧାସଳଖ ନହେଲେ ବି ପରୋକ୍ଷ ଭାବରେ ଶାରୀରିକ ଅସୁସ୍ଥତାର କାରଣ ସାଜିଥାଏ । ଠିକ୍ ସେହିପରି ଗୋଟିଏ ସମସ୍ୟା ହେଉଛି କିଡ଼ନୀ ଜନିତ ସମସ୍ୟା । ବିଶେଷଜ୍ଞଙ୍କ ମତରେ ଜଣେ କିଡ଼ନୀ ରୋଗୀଙ୍କୁ ପ୍ରତିଦିନ ସାଢ଼େ ୬ ଘଣ୍ଟା କିମ୍ବା ୭ ଘଣ୍ଟାର ନିଦ ପୂରା କରିବା ଆବଶ୍ୟକ । ଯଦି ନିଦ ପୂରା ହୁଏ ନାହିଁ ତେବେ କିଡନୀ ଦୁର୍ବଳ ହେବାର ସମ୍ଭାବନା ରହିଛି । କିଡନୀ ସମସ୍ୟା ଗମ୍ଭୀର ହେଲେ କିଡନୀ କାମ କରିବା ବନ୍ଦ କରିଦିଏ । ଏହି କ୍ଷେତ୍ରରେ ରୋଗୀଙ୍କୁ ଡାଏଲିସିସ୍ କିମ୍ବା କିଡନୀ ଟ୍ରାନ୍ସପ୍ଲାଣ୍ଟର ଆବଶ୍ୟକତା ପଡିଥାଏ । କିଡନୀ ସମସ୍ୟା ସହିତ ଯଦି ରୋଗୀଙ୍କୁ ମଧୁମେହ କିମ୍ବା ରକ୍ତଚାପ ଥାଏ ତା'ହେଲେ ଏହା ଏକ ଗମ୍ଭୀର ସମସ୍ୟା । ଏହି ସମସ୍ୟାକୁ ନେଇ ୟୁନିଭରସିଟି ଅଫ୍ ଇଲିନାଇସଠାରେ ଶିକାଗୋ କଲେଜ ଅଫ୍ ମେଡିସିନ୍‌ର ବିଶେଷଜ୍ଞ ଡାକ୍ତରମାନେ କିଛି କିଡନୀ ସମସ୍ୟା ଥିବା ରୋଗୀଙ୍କୁ ନେଇ ପରୀକ୍ଷା କରିଥିଲେ । ଏହି ପରୀକ୍ଷାରେ ୬୦ ବର୍ଷ ଓ ୪୮ ବର୍ଷର ଆୟୁର ଲୋକମାନେ ସାମିଲଥିଲେ । ରୋଗୀଙ୍କ ଶୋଇବା ଓ ଉଠିବା ସମୟକୁ ଜାଣିବା ପାଇଁ ତାଙ୍କ ହାତରେ ଏସେଲୋମିଟର ପିନ୍ଧାଯାଇଥିଲା । ଏଥିରୁ ଜଣାପଡିଛି ଯେ, କମ୍ ନିଦ୍ରା କିଡନୀ ସମସ୍ୟାର ମୂଳ କାରଣ ।

## ଟିକିଏ ହସନ୍ତୁ

ଶିକ୍ଷକ ପିଲାଙ୍କୁ: ଭାସ୍କୋଡ଼ାଗାମା ଭାରତକୁ କେବେ ଆସିଥିଲେ ?
ଗୋପି: ସାର୍, ଶୀତଦିନେ ।
ଶିକ୍ଷକ ରାଗିକି: ପାଗଳ ହେଇଗଲୁଣି ନା କ'ଣ ? ତତେ କିଏ କହିଲା ?
ଗୋପି: ସାର୍, ମୁଁ ବହିରେ ଫଟୋ ଦେଖିଛି । ଭାସ୍କୋଡ଼ାଗାମା କୋଟ୍ ପିନ୍ଧିଥିଲେ ।

× × ×

ପପୁ ଭୋଲୁକୁ: କାଲି ସର୍କସ ଦେଖିବାକୁ ଯିବା ?
ଭୋଲୁ: ହଉ । ମୁଁ ମୋ ସ୍ତ୍ରୀ ଓ ଶାଳୀକୁ ବି ନେଇକି ଯିବି ।
ପପୁ: ଆଚ୍ଛା, ଯଦି ତୋ ସ୍ତ୍ରୀ ଓ ଶାଳୀ ବାଘର ପିଞ୍ଜରା ଭିତରେ ପଡିଯିବେ ତେବେ ତୁ ପ୍ରଥମେ କାହାକୁ ବଞ୍ଚେଇବୁ ?
ଭୋଲୁ: ଭାଇ, ମୁଁ ତ ବାଘକୁ ବଞ୍ଚେଇବି । କାହିଁକି ନା ଏମାନଙ୍କ ସଂଖ୍ୟା ବହୁତ କମ୍ ।

× × × ×

ମନୁଆ ମନ ଦୁଃଖରେ ବସିଥାଏ । ଏହା ଦେଖି ରାଜେଶ: କ'ଣ ହେଇଛି କିରେ ମନୁଆ ? ଏମିତି ମନ ଦୁଃଖ କାହିଁକି କରିଛୁ ?
ମନୁଆ: କ'ଣ କହିବି ଭାଈ । କାଲି ଗୋଟେ ନ୍ୟୁଜ୍ ଚ୍ୟାନେଲର ଆଙ୍କର କହିଲା ଚାଲନ୍ତୁ ଆପଣଙ୍କୁ ଗୋଆ ବୁଲେଇ ଆଣିବି । ମୁଁ ବ୍ୟାଗ୍ ପ୍ୟାକ୍ କରି କେତେବେଳୁ ରେଡି ହେଇକି ଅଛି । ହେଲେ ଏ ଯାଏ କେହି ବି ନେବାକୁ ଆସି ନାହାନ୍ତି ।



× × × ×

ବୟଫ୍ରେଣ୍ଡ ଗର୍ଲଫ୍ରେଣ୍ଡକୁ: ମତେ ତୁମ ଦାନ୍ତ ବହୁତ ଭଲ ଲାଗେ ।
ଗର୍ଲଫ୍ରେଣ୍ଡ: ସତ !
ବୟଫ୍ରେଣ୍ଡ: ହଁ ।
ଗର୍ଲଫ୍ରେଣ୍ଡ: କାହିଁକି ?
ବୟଫ୍ରେଣ୍ଡ: କାରଣ ମୋର ଫେଭରେଟ୍ କଲର୍ ହେଉଛି ୟେଲୋ ।

× × × × ×

ଗଣିତ ଶିକ୍ଷକ ଗୋଲୁକୁ: କହିଲୁ ଦେଖି: ୨, ୪, ୬, ୧୦ କ'ଣ ?
ଗୋଲୁ: ସାର୍ ସେଗୁଡିକ ହେଉଛି କାର୍ଟୁନ ନେଟୱର୍କ, ନିକ୍, ପୋଗୋ ଓ ହଙ୍ଗାମା ।
ଶିକ୍ଷକ: କ'ଣ କହିଲୁ ବୁଝି ପାରିଲିନି ।
ଗୋଲୁ: ସାର୍ କାର୍ଟୁନ୍ ଚ୍ୟାନେଲ ନମ୍ବର ।

× × × × ×

ଗର୍ଲଫ୍ରେଣ୍ଡ: ମୁଁ ତୁମକୁ ଏତେ ଭଲ ପାଏ ଯେ, ତୁମକୁ ଛାଡି ଗୋଟେ ସେକେଣ୍ଡ ରହି ପାରିବିନି ।
ବୟଫ୍ରେଣ୍ଡ: ସତ୍ ?
ଗର୍ଲଫ୍ରେଣ୍ଡ: ହଁ, ତୁ ଜହାଁ ଜହାଁ ଚଲେଗା ମେରା ସାୟା ସାଥ ହୋଗା । ଛାଇ ପରି ତୁମ ପାଖେ ପାଖେ ରହିବି ।
ବୟଫ୍ରେଣ୍ଡ: ମତେ ପ୍ରଥମରୁ ଲାଗୁଥିଲା ତୁ ଭୁତୁଣୀ ବୋଲି । ଆଉ ଏବେ କନଫର୍ମ ହେଇଗଲି ।

# ଡାଳିମ୍ବର ଉପକାରିତା

ଡାଳିମ୍ବ ଖାଇବାକୁ ଖୁବ୍ ସ୍ୱାଦିଷ୍ଟ ହୋଇଥିବା ବେଳେ ଏହା ମଧ୍ୟରେ ଭରପୂର ହୋଇ ରହିଛି ଔଷଧୀୟ ଗୁଣ । ଏହାର ରସ ଖାଇବାକୁ ଯେପରି ଭଲ ଲାଗେ, ସେହିପରି ଏହା ଔଷଧୀୟ ଗୁଣରେ ମଧ୍ୟ ଭରପୂର । ଆମର ଦୈନନ୍ଦିନ ଜୀବନରେ ଦେଖା ଦେଉଥିବା କେତେକ ରୋଗର ନିରାକରଣ ଡାଳିମ୍ବରୁ ମିଳିଥାଏ ।

**ଗର୍ଭସ୍ରାବ:** ଯେଉଁ ସ୍ତ୍ରୀଲୋକଙ୍କର ଗର୍ଭସ୍ରାବ ଆଶଙ୍କା ଥାଏ, ଏହାର ନିବାରଣ ପାଇଁ ଗର୍ଭର ପଞ୍ଚମ ମାସରେ ଡାଳିମ୍ବ ପତ୍ରକୁ ବାଟି, ସେଥିରେ ୧ ଚାମଚ ଶ୍ୱେତଚନ୍ଦନ ଘୋରା, ଦହି ଓ ମହୁକୁ ମିଶାଇ ପ୍ରତିଦିନ ସକାଳେ ସେବନ କରିବା ଉଚିତ । ଏହିପରି ୧୦ ରୁ ୧୫ ଦିନ କଲେ ଗର୍ଭସ୍ରାବ ବିନଷ୍ଟ ହୋଇଥାଏ ।

**ନାକରୁ ରକ୍ତ ପଡୁଥିଲେ:** ପାଚିଲା ଡାଳିମ୍ବପତ୍ର ୧୦ ଗ୍ରାମ କପେ ପାଣିରେ ବାଟି ସକାଳେ ଓ ସନ୍ଧ୍ୟାରେ ପିଇଲେ, ତତସଙ୍ଗେ ସଙ୍ଗେ ଆଉ କିଛି ପତ୍ରକୁ ବାଟି ମସ୍ତକରେ ଲେପନ କଲେ ନାକରୁ ରକ୍ତ ପଡିବା ବନ୍ଦ ହୋଇଯାଏ ।



**କୃମି:** ଡାଳିମ୍ବ ପତ୍ରକୁ ଛାଇରେ ଶୁଖାଇ ଭଲ ଭାବେ ଗୁଣ୍ଡ କରି ସେହି ଗୁଣ୍ଡକୁ ଏକ ଗ୍ରାମ ଦହି ସହିତ ସକାଳେ ଓ ସନ୍ଧ୍ୟାରେ ଖାଲି ପେଟରେ ସେବନ କଲେ ପେଟରେ ଥିବା କୃମି ଅବିଳମ୍ବେ ମରିଯାନ୍ତି ।

**ଦୃଷ୍ଟିଶକ୍ତି ବୃଦ୍ଧି:** ଡାଳିମ୍ବ ଫଳରୁ ଜୁସ୍ କରିବା ପରେ ଏହି ରସକୁ ଖରାରେ ଶୁଖାଇ ଗାଢ଼ କରାଯିବ । ଏହାକୁ ଅଞ୍ଜନ ଆକାରରେ ବ୍ୟବହାର କଲେ ଦୃଷ୍ଟିଶକ୍ତି ବୃଦ୍ଧି ପାଏ ।

**ବଧିରତା ଦୂର:** କଞ୍ଚା ଡାଳିମ୍ବପତ୍ର ଓ କଞ୍ଚା ବେଲପତ୍ରକୁ ଛେଚି ସେଥିରୁ ଗୋଟିଏ ଲେଖାଏଁ ଗ୍ଲାସ ରସ ବାହାର କରିବା ପରେ ଉଭୟ ରସରେ ୧ ଲିଟର ଗାଈ ଘିଅ ମିଶାଇ ମାଟିପାତ୍ରରେ ଧୀରେ ଜାଳିଦେଇ ପାକ କରିବ । ଏହା ମରି ମରି ଶେଷରେ କେବଳ ଘିଅ ଅଂଶ ରହିବା ପରେ ତାକୁ ଓହ୍ଲାଇ ଛାଣି ରଖିବ । ସେହି ଘୃତ ଅଂଶରୁ ୨ ଗ୍ରାମ ଆଣି କପେ ଗରମ ପାଣିରେ ଅଳ୍ପ ଚିନି ବା ମିଶ୍ରି ଗୁଣ୍ଡ ମିଶାଇ ନିୟମିତ ସକାଳେ ଓ ସନ୍ଧ୍ୟାରେ ପିଇଲେ ବଧିରତା ଦୂର ହୁଏ ।

**ଅର୍ଶ:** ୨ ଗ୍ରାମ ଡାଳିମ୍ବ ପତ୍ରକୁ ୧ ଲିଟର ପାଣିରେ ବାଟି ଛାଣିଦେବ । ସକାଳେ ଏବଂ ସନ୍ଧ୍ୟାରେ ଏହି ପାଣି ପିଇଲେ ଅଳ୍ପଦିନ ମଧ୍ୟରେ ଅର୍ଶର ରକ୍ତସ୍ରାବ ବନ୍ଦ ହୁଏ । ଡାଳିମ୍ବ ପତ୍ରକୁ ବାଟି ଘିଅରେ ଭାଜି ଅର୍ଶର ମାଂସାଙ୍କୁରରେ ବାନ୍ଧିଲେ ଅତି ଶୀଘ୍ର ଅର୍ଶର ଜ୍ୱାଳା, ବେଦନା ଦୂର ହୁଏ ଏବଂ ଫୁଲା ମଧ୍ୟ କମିଯାଏ । ଡାଳିମ୍ବ ଛାଲିର କ୍ୱାଥ ୧ କପ୍ ସହିତ ଶୁଣ୍ଠିଗୁଣ୍ଡ ମିଶାଇ ଦିନକୁ ଥରେ ଲେଖାଏଁ ପିଇଲେ ସପ୍ତାହକ ମଧ୍ୟରେ ରକ୍ତାର୍ଶ ପ୍ରଶମିତ ହୋଇଥାଏ ।

## ଆପଣ ଜାଣନ୍ତି କି ?

- ବିଶ୍ୱର ଏକ ଦଶମାଂଶ ହୃଦ୍‌ରୋଗ ଧୂମପାନ ଯୋଗୁଁ ହୋଇଥାଏ ।
- ବିଶ୍ୱରେ ତମାଖୁ ଯୋଗୁଁ ପ୍ରତି ବର୍ଷ ୬୦ କୋଟି ଲୋକଙ୍କର ମୃତ୍ୟୁ ହେଉଛି ।
- ପୁରୁଷ ଧୂମପାନକାରୀଙ୍କ ତୁଳନାରେ ମହିଳା ଧୂମପାନକାରୀଙ୍କ ଠାରେ ହୃଦରୋଗ ହେବାର ଆଶଙ୍କା ୨୫% ଅଧିକ ।
- ତମାଖୁ ଚୋବାଇ ଖାଇଲେ ହୃଦଘାତର ସମ୍ଭାବନା ବଢ଼ିଯାଏ । ଅନ୍ୟ କେହି ଧୂମପାନ କରୁଥିବା ବେଳେ ପାଖରେ ଥିବା ଲୋକମାନଙ୍କ ନାକ ମଧ୍ୟ ଦେଇ ତାହା ପ୍ରବେଶ କରେ । ଯାହାକୁ ପରୋକ୍ଷ ଧୂମପାନ କୁହାଯାଉଛି । ପରୋକ୍ଷ ଧୂମପାନରେ ମଧ୍ୟ ହୃଦଘାତର ଆଶଙ୍କା ରହିଛି । ତେବେ ବିପଦର ମାତ୍ରାକୁ ଆଜିର ପର୍ଯ୍ୟନ୍ତ ଆକଳନ କରାଯାଇପାରି ନାହିଁ ।
- ପରୋକ୍ଷ ଧୂମପାନ ଦ୍ୱାରା ହୃଦଘାତ ହେବାର ସମ୍ଭାବନା ୨୫-୩୦ ପ୍ରତିଶତ ଦେଖା ଦେଉଥାଏ । ପ୍ରତିବର୍ଷ ପରୋକ୍ଷ ଧୂମପାନ ଯୋଗୁଁ ୬ ଲକ୍ଷ ଲୋକଙ୍କ ମୃତ୍ୟୁ ହେଉଛି । ସେମାନଙ୍କ ମଧ୍ୟରେ ୮୦% ଙ୍କର ହୃଦଘାତ ଜନିତ ମୃତ୍ୟୁ ହୋଇଥାଏ ।
- ଘରେ ଓ ଅଫିସରେ ଧୂମପାନ କରିବା ଦ୍ୱାରା ହୃଦ୍‌ଘାତରେ ମାତ୍ର ଦୁଇ ଗୁଣ ବଢ଼ିଯାଏ ।
- ଧୂମପାନ ଛାଡିବାର ୨୦ ମିନିଟ୍ ଭିତରେ ରକ୍ତଚାପ ଓ ନାଡି ଚାଳନା ସାଧାରଣ ହୋଇଯାଏ ।
- ଆଠ ଘଣ୍ଟା ମଧ୍ୟରେ ରକ୍ତ ଅମ୍ଳଜାନର ମାତ୍ରା ବଢ଼ିଯାଏ ।
- ୨୭ ଘଣ୍ଟା ଭିତରେ ନିଶ୍ୱାସ ପ୍ରଶ୍ୱାସ ନେବା ସହଜ ହୁଏ ।

## ହାଡ଼କୁ ମଜଭୁତ ରଖେ ଦହି

**ଶରୀରକୁ** ସୁସ୍ଥ ରଖିବା ପାଇଁ ହାଡ଼ର ଭୂମିକା ସର୍ବଶ୍ରେଷ୍ଠ । ହାଡ଼ ମଜଭୁତ ନ ରହିଲେ ଅସ୍ଥି ସମ୍ବନ୍ଧୀୟ ବିଭିନ୍ନ ରୋଗରେ ଆକ୍ରାନ୍ତ ହେବାକୁ ପଡିଥାଏ । ହାଡ଼ ଦୁର୍ବଳ ହେଲେ ଆଣ୍ଠୁଗଣ୍ଠି ଦରଜ ଠାରୁ ଆରମ୍ଭ କରି ହାତଗୋଡ଼ ବିନ୍ଧା ଭଳି ନାନା ଅସ୍ଥିଗତ ସମସ୍ୟା ଦେଖା ଦେଇଥାଏ । ଏଥିରୁ ରକ୍ଷା ପାଇବା ପାଇଁ ନିୟମିତ ଦହି ଖାଆନ୍ତୁ । ଦହିରେ ଭିଟାମିନ୍ ଡି ଓ କ୍ୟାଲସିୟମ ମାତ୍ରା ପ୍ରଚୁର ପରିମାଣରେ ରହିଛି । କ୍ଷୀର, ତୁଳନାରେ ଦହିରେ ୫୦ ପ୍ରତିଶତ କ୍ୟାଲସିୟମ ଅଧିକ ରହିଛି ବୋଲି ବିଶେଷଜ୍ଞ କୁହନ୍ତି । ଲହୁଣୀ ମିଶା ଦହି ଶରୀର ପକ୍ଷେ ଅଧିକ ଲାଭଦାୟକ । ଦୈନିକ ଏକ କପ ଦହି ଆପଣଙ୍କ ହାଡ଼ ମଜଭୁତ ରଖିବାରେ ବିଶେଷ ଭାବେ ସହାୟକ କରିଥାଏ ।



## ସଢ଼ା କଦଳୀ ବି ହିତକାରୀ

**କଦଳୀରେ** ପୋଟାସିୟମ ଓ ଭିଟାମିନ୍‌ର ମାତ୍ରା ଅଧିକ ରହିଛି । ଏହା ବ୍ୟତୀତ ଅନେକ ଗୁଡିଏ ପୋଷକ ତତ୍ତ୍ୱ ରହିଛି ଯାହାକି ଶରୀର ପାଇଁ ଅଧିକ ଉପାଦେୟ । ସଢ଼ା କଦଳୀରେ ଟ୍ରିପ୍ଟୋଫାନର ମାତ୍ରା ଅଧିକ ଥାଏ । ଯାହାକି ଅବସାଦ ଓ ଅସ୍ଥିରତାକୁ କମ୍ କରେ । ପୋଷକ ତତ୍ତ୍ୱର ଏହା ଭଣ୍ଡାର ମଧ୍ୟ । ତେଣୁ ସଢ଼ା କଦଳୀ ପାଉଁରୁଟି କିମ୍ବା ମିଲ୍କସେକ୍ ପ୍ରସ୍ତୁତ ପାଇଁ କରାଯାଏ । ଯଦି ଆପଣ କଞ୍ଚା କଦଳୀ ଖାଉଥାଆନ୍ତି ତେବେ ରକ୍ତ ଶର୍କରାର ମାତ୍ରା ନିୟନ୍ତ୍ରଣାଧିନ ରହେ । ଏହା ଖୁବ୍ ଧିରେ ଧିରେ ପରିପାଏ, ଯେଉଁ କାରଣରୁ ରକ୍ତ ଶର୍କରାର ମାତ୍ରା ସଠିକ୍ ରହିପାରେ । ପାଚିଲା କଦଳୀକୁ ଏଣ୍ଟି ଅକ୍ସିଡେଣ୍ଟସ୍ ବୋଲି କୁହାଯାଏ । ଏହା ମେଟାବଲିଜିମକୁ ଶକ୍ତ କରିବା ସହ ରୋଗ ବ୍ୟାଧି ସମ୍ଭାବନାକୁ କମ୍ କରେ । ତେଣୁ ଜଳଖିଆରେ ଏହା ସେବନ କରାଯାଇପାରେ ।



## ବିନ୍ସର ଔଷଧୀୟ ଗୁଣ

ବିନ୍ସରେ ରହିଥିବା ପ୍ରୋଟିନ୍ କାର୍ବୋହାଇଡ୍ରେଟ୍‌ସ୍ ଏବଂ ଆଇରନ ଭଳି ପୋଷକ ତତ୍ତ୍ୱ ମସଲ୍ସକୁ ବଢ଼ାଇବା ସହିତ ମଜଭୁତ କରିଥାଏ । ଯେଉଁମାନେ ଜିମ୍ ଯାଉଛନ୍ତି ସେମାନଙ୍କ ପାଇଁ ବିନ୍ସ ଏକଦମ୍ ଭଲ ।



**ହାଡ଼ ମଜଭୁତ କରେ:** ବିନ୍ସରେ କ୍ୟାଲସିୟମ ପ୍ରଚୁର ମାତ୍ରାରେ ରହିଥିବାରୁ ଏହା ହାଡ଼କ୍ଷୟ ହେବାକୁ ଦିଏନାହିଁ । ତା' ଛଡ଼ା ବିନ୍ସରେ ରହିଥିବା ଭିଟାମିନ୍ ଏ, କେ ଓ ସିଲିକନ ମଧ୍ୟ ହାଡ଼ ପାଇଁ ବହୁତ ଭଲ ।

## ଇମ୍ୟୁନିଟି ଷ୍ଟ୍ରଙ୍ଗ କରେ ଅଳେଇଚ

ଅଳେଇଚ କେବଳ ଖାଦ୍ୟର ସୁଗନ୍ଧ ବୃଦ୍ଧି କରେ ତାହା ନୁହେଁ, ସ୍ୱାସ୍ଥ୍ୟ ଲାଗି ମଧ୍ୟ ଏହା ହିତକର । ଆୟୁର୍ବେଦରେ ଅଳେଇଚକୁ ଅଧିକ ମାତ୍ରାରେ ଉପଯୋଗ କରାଯାଇଥାଏ । ଏଥିପାଇଁ ଆୟୁର୍ବେଦବିତ୍ ଏହାକୁ ଆନାଲଜେସିକ୍ ବା ଯନ୍ତ୍ରଣା ନିବାରକ ବୋଲି କହିଥାନ୍ତି । ଏଥିରେ ଗଚ୍ଛିତ ଥିବା ଆଣ୍ଟିଅକ୍ସିଡାଣ୍ଟ ଓ ଫ୍ରି ରେଡିକାଲ ଇମ୍ୟୁନିଟି ଷ୍ଟ୍ରଙ୍ଗ କରିଥାଏ । ଅଳେଇଚରେ ରହିଥିବା ପୋଷକ ତତ୍ତ୍ୱ ବହୁ ରୋଗ ନିବାରକ ।



**ରକ୍ତଚାପ ନିୟନ୍ତ୍ରଣ ରଖେ:** ବଡ଼ ଅଳେଇଚରେ ଆଣ୍ଟିଅକ୍ସିଡାଣ୍ଟ ଓ ମୂତ୍ରବର୍ଦ୍ଧକ ଗୁଣ ଭରି ରହିଛି । ସୋଡିୟମ ଓ ପୋଟାସିୟମ୍ ଲେବଲକୁ ବାଲାନ୍ସ କରିବାରେ ସହାୟକ ହୋଇଥାଏ । ଏହାକୁ ନିୟମିତ ଖାଇବା ଦ୍ୱାରା ଏହା ରକ୍ତ ଜମାଟ ହେବାକୁ ଦିଏ ନାହିଁ । ଏହାଦ୍ୱାରା ବ୍ଲଡ ପ୍ରେସର ନିୟନ୍ତ୍ରଣରେ ରହିଥାଏ । ଏଥିପାଇଁ ସକାଳୁ ଉଠି କ୍ଷୀର ଚା' ବଦଳରେ ଅଳେଇଚ ମିଶ୍ରିତ ଚା' ପିଇବା ଫଳପ୍ରଦ ।

**କୋଷ୍ଠ କାଠିନ୍ୟ ଦୂର ହୁଏ:** ଅର୍ଶ ରୋଗୀ ଅଳେଇଚ ଖାଇବା ଖୁବ୍ ଭଲ । ଏହା କୋଷ୍ଠକାଠିନ୍ୟ ଦୂର କରି ତରଳ ଝାଡା କରିଥାଏ । ଯେଉଁଥି ପାଇଁ ଅର୍ଶ ରୋଗୀଙ୍କ କୋଷ୍ଠକାଠିନ୍ୟ ଦୂର ହେବା ସହିତ ମଳଦ୍ୱାର ଫୁଲା ଓ ବିନ୍ଧା ଦୂର ହୋଇ ରକ୍ତ ସ୍ରାବ ଦୂର ହୁଏ । ଏଥିପାଇଁ ଅଳେଇଚକୁ ଭଲ ଭାବରେ ଭାଜି ଦିଅନ୍ତୁ । ଥଣ୍ଡା ହେବା ପରେ ଏହାକୁ ବାଟି ଦିଅନ୍ତୁ । ପ୍ରତିଦିନ ସକାଳୁ ଖାଲି, ପେଟରେ ଅଳେଇଚ ଗୁଣ୍ଡ ଖାଆନ୍ତୁ ।

**ହାର୍ଟ ଓ ଲିଭର ସମସ୍ୟା ଦୂର କରେ:** ଏଥିରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଗୁଣ ଏନଜାଇମକୁ ସକ୍ରିୟ କରିଥାଏ । ଏହା ହୃଦୟରେ ଆଣ୍ଟିଅକ୍ସିଡାଣ୍ଟ ଗତିବିଧି ଉତ୍ପନ୍ନ କରିଥାଏ । ଏଥି ସହିତ ହୃଦୟ ଓ ଫୁସଫୁସକୁ ଆରାମ ଦେଇଥାଏ । ହୃଦୟ ରୋଗର ଭୟକୁ ହ୍ରାସ କରିଥାଏ । ଏହାକୁ ଖାଇବା ଦ୍ୱାରା ହାର୍ଟ ଓ ଲିଭର ଠିକ୍ ଭାବରେ କାମ କରିଥାଏ । ଏହାକୁ କ୍ଷୀରରେ ଗରମ କରି ପିଇବା ସ୍ୱାସ୍ଥ୍ୟ ପାଇଁ ଫଳପ୍ରଦ ।

**ଓଜନ ହ୍ରାସ କରେ:** ଏଥିରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଗୁଣ ପାଚନ ତନ୍ତ୍ରକୁ ମଜଭୁତ କରିଥାଏ । ଏହା ବାନ୍ତି, ପେଟ ଯନ୍ତ୍ରଣା, ମଳାଶୟ ରୋଗ ଓ ପିତ୍ତ ରୋଗୀଙ୍କୁ ସଠିକ୍ ରଖିବାରେ ସହାୟ ହୋଇଥାଏ । ଏଥିପାଇଁ ଅଳାଇଚକୁ ପାଉଡର କରି ମିଶ୍ରି ସହିତ ମିଶାଇ ସେବନ କରନ୍ତୁ । ପ୍ରତିଦିନ ଖାଲି ପେଟରେ ଖାଇବା ଦ୍ୱାରା ପେଟ ସଫା ରଖିଥାଏ । ମେଟାବଲିଜମ୍ କ୍ଷିପ୍ର ଭାବରେ ବଢ଼ିଥାଏ ଓ ଓଜନ ହ୍ରାସ ଘଟାଇବାରେ ସହାୟ ହୋଇଥାଏ ।

**ଶ୍ୱାସ ସମସ୍ୟା ଦୂର କରେ:** ଶ୍ୱାସ, କାଶ ଓ ଶ୍ୱାସ-ପ୍ରଶ୍ୱାସ ଜନିତ ସମସ୍ୟାରେ ପୀଡିତ ରୋଗୀଙ୍କ ପାଇଁ ଏହା ମହୌଷଧି ତୁଲ୍ୟ କାମ କରିଥାଏ । ଏଥିପାଇଁ ଅଳେଇଚ ଚା' ଓ କାଡା ପିଅନ୍ତୁ ।

## କହିପାରିବେ କି ?

(୧) ବିଶ୍ୱ ପୁସ୍ତକ ତଥା କପିରାଇଟ୍ ଦିବସ କେବେ ପାଳିତ ହୁଏ ?
(୨) ୨୦୧୯ ପାଇଁ କେଉଁ ସହରକୁ ବିଶ୍ୱ ପୁସ୍ତକ ରାଜଧାନୀ ଭାବେ ଘୋଷଣା କରାଯାଇଛି ?
(୩) ବିଶ୍ୱ ପୃଥିବୀ ଦିବସ କେବେ ପାଳିତ ହୁଏ ?
(୪) ନିକଟରେ ଦେହାନ୍ତ ଘଟିଥିବା ଜେରି କାବ କେଉଁ ଦେଶର ଥିଲେ ?
(୫) ମହାକାଶ ଯାତ୍ରୀ କ୍ରିଷ୍ଟିନା କୋଚ କେଉଁ ଅନ୍ତରୀକ୍ଷ ଏଜେନ୍ସି ପାଇଁ କାମ କରୁଛନ୍ତି ?
(୬) ବୈଜ୍ଞାନିକମାନଙ୍କ ଦ୍ୱାରା ଜାରି ହୋଇଥିବା ବ୍ଲାକହୋଲର ପ୍ରଥମ ଛବିର ନାଁ କ'ଣ ?
(୭) ବିଶ୍ୱ ଯକୃତ ଦିବସ କେବେ ପାଳିତ ହୁଏ ?
(୮) ଭାରତର ପ୍ରଥମ ୱାଟର ପାର୍କର ଉଦଘାଟନ କେଉଁ ସହରରେ କରାଯାଇଥିଲା ?
(୯) ବିହୁ କେଉଁ ରାଜ୍ୟର ଲୋକପ୍ରିୟ ପର୍ବ ?
(୧୦) କେଉଁ ମହାପୁରୁଷଙ୍କୁ ନେତାଜୀ କୁହାଯାଏ ?

### JUMBLE WORDS

| | | | |
|---|---|---|---|
| 1) PEOEL | = | 6) SUYFS | = |
| 2) URHYR | = | 7) SENRUU | = |
| 3) REDVOO | = | 8) FIRADT | = |
| 4) SOFCIA | = | 9) CREMY | = |
| 5) NOOBG | = | 10) RHAFW | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ? ର ଉତ୍ତର :-**

୧. 'ଆଣ୍ଡ ଦେନ୍ ଦେୟାର ୱେୟାର ନନ୍', ୨.ଷ୍ଟାଲିନ୍, ୩.ଜାପାନର ବିଜୟ ଦିବସ ପାଇଁ, ୪.ସୁକୁମାର୍ ସେନ୍, ୫.କ୍ୟାରି ଗ୍ରିମେଟ୍, ୬.କୁଏତ୍ ସିଟି, ୭.କମଲ୍ ଜିତ ସାନ୍ଧୁ, ୮.ସୁନୀତା ରାଣୀ, ୯. କବାଡ଼ି, ୧୦. ସରଦାର ସିଂ ।

***Jumble Words*** **ର ଉତ୍ତର :-**

(1) SOAPY (2) ICIER (3) ACCESS (4) THROAT (5) FRAME
(6) OUNCE (7) SWEATY (8) RADIAL (9) CHIRP (10) SOUPY

# ରାଜନୈତିକ ଦଳଙ୍କୁ ଭରସା ଘରୋଇ ସର୍ଭେ ସଂସ୍ଥା

ଭୁବନେଶ୍ୱର: ରାଜନୈତିକ ଦଳଗୁଡ଼ିକ କାର୍ଯ୍ୟପନ୍ଥା ବଦଳାଇବାରେ ଲାଗିଲେଣି । ପୂର୍ବରୁ ନେତାମାନେ ତୃଣମୂଳସ୍ତରରେ ଲୋକଙ୍କ ସହ ଆଲୋଚନାକରି ଦଳ ପକ୍ଷରୁ କେଉଁସବୁ କାର୍ଯ୍ୟକ୍ରମ କରାଯିବ, ସେ ସଂକ୍ରାନ୍ତରେ ନିଷ୍ପତ୍ତି ନେଇପାରୁଥିଲେ । ଏହାଦ୍ୱାରା ରାଜନୈତିକ ବ୍ୟକ୍ତିଙ୍କ ପ୍ରଭାବ ମଧ ସର୍ବସାଧାରଣରେ ରହୁଥିଲା । ହେଲେ ଏବେ ଦଳଗୁଡ଼ିକର କୌଣସି କାର୍ଯ୍ୟକ୍ରମ ହେଉ ଅବା କିଏ ପ୍ରାର୍ଥୀ ହେବେ ବା କିଏ ହେବେ ନାହିଁ, ଏପରି ପ୍ରାୟତଃ ସବୁ ନିଷ୍ପତ୍ତି ଏଜେନ୍ସିଗୁଡ଼ିକର ରିପୋର୍ଟ ଆଧାରରେ ସ୍ଥିର କରାଯାଉଛି । ରାଜ୍ୟର ୩ ପ୍ରମୁଖ ରାଜନୈତିକ ଦଳ ବିଜେଡି, ଭାଜପା ଏବଂ କଂଗ୍ରେସ ୨୦୨୪ ସାଧାରଣ ନିର୍ବାଚନ ବିଭିନ୍ନ ଘରୋଇ ସର୍ଭେ ସଂସ୍ଥା ଆଧାରରେ ଲଢ଼ିବାକୁ ଯାଉଛନ୍ତି । ଓଡ଼ିଶାରେ ଏଭଳି ସଂସ୍ଥାକୁ ନିୟୋଜିତ କରାଯାଇ ନେତାମାନଙ୍କ ପତିଆରା ଧୀରେ ଧୀରେ ଗୌଣ କରି ଦିଆଯାଉଥିବା ଚର୍ଚ୍ଚା ହେଉଛି । ୩ ପ୍ରମୁଖ ଦଳ ଏବେ ନିଜର ସର୍ଭେ ସଂସ୍ଥା ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ । ବିଜେଡି 'ଇଟିକି' ନାମକ ଏକ ସଂସ୍ଥାକୁ ଦଳର ରାଜନୈତିକ କାର୍ଯ୍ୟକ୍ରମ ପାଇଁ ନିୟୋଜିତ କରିଛି । ସେହିପରି ଭାଜପା 'ଭରାହେ' ଏବଂ ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି) ଓଡ଼ିଶା କଂଗ୍ରେସ ପାଇଁ 'ଇନସିଭ ମାଇଣ୍ଡ' ନାମକ ସଂସ୍ଥାକୁ ଦାୟିତ୍ୱ ଦେଇଥିବା ଜଣାପଡ଼ିଛି । ରାଜ୍ୟ ବାହାରର ଏହି ସଂସ୍ଥାଗୁଡ଼ିକୁ ବିପୁଳ ଅର୍ଥ ଦେଇ ସବୁ ରାଜନୈତିକ ଦଳ ନିର୍ବାଚନ ରଣନୀତି ପ୍ରସ୍ତୁତ କରୁଛନ୍ତି । କହିବାକୁ ଗଲେ ଏହି ସର୍ଭେ ସଂସ୍ଥାଗୁଡ଼ିକ ଉପରେ ରାଜନୈତିକ ଦଳ ଏକ ପ୍ରକାର ନିର୍ଭରଶୀଳ । ଯେହେତୁ ଉକ୍ତ ସର୍ଭେ ସଂସ୍ଥାର ରିପୋର୍ଟକୁ ଆଧାରକରି ଦଳର ଶୀର୍ଷ ନେତୃତ୍ୱ ଦଳୀୟ ରଣନୀତି ପ୍ରସ୍ତୁତ କରୁଛନ୍ତି, ସେଥିଲାଗି ସ୍ଥାନୀୟ ନେତାଙ୍କ ଗୁରୁତ୍ୱ ଦିନକୁ ଦିନ ହ୍ରାସ ପାଉଛି । ଅନ୍ୟପଟେ ସ୍ଥାନୀୟ ନେତାଙ୍କ ପାଖରେ ଅନେକ ଖବର ରହୁ ନ ଥିବାରୁ ନିଜ ନିର୍ବାଚନ ମଣ୍ଡଳୀରେ ସେମାନଙ୍କ ଗୁରୁତ୍ୱ ଗୌଣ ହୋଇଯାଉଛି । ମିଳିଥିବା ସୂଚନା ମୁତାବକ, ଏହି ସର୍ଭେ ସଂସ୍ଥାଗୁଡ଼ିକ ଓଡ଼ିଶାରେ ବିଭିନ୍ନ ରାଜନୈତିକ ଦଳର ଦାୟିତ୍ୱ ପାଇବା ପରେ ଗଣମାଧ୍ୟମ ସଂସ୍ଥା ସହ ଜଡ଼ିତ ଥିବା ଖବରଦାତା, କିଛି ଯୁବ, ଛାତ୍ର ଯେଉଁମାନେ ସେହି ଦଳର ଚିନ୍ତାଧାରା ସହିତ ଜଡ଼ିତ ସେମାନଙ୍କୁ ଦରମା ସୂତ୍ରରେ ନିଯୁକ୍ତି ଦେଉଛନ୍ତି । ସେମାନେ ତୃଣମୂଳସ୍ତରକୁ ଯାଇ ଦଳର ରାଜନୈତିକ ସ୍ଥିତି ଓ ସ୍ଥାନୀୟ ବିଧାୟକ କିମ୍ବା ବିଧାୟକ ପ୍ରାର୍ଥୀଙ୍କ ବିରୋଧରେ ଜନମତ ରହିଛି ନା ବିପକ୍ଷରେ ଯାଉଛି, ତା'ର ଟିକିନିକି ତଥ୍ୟ ସଂଗ୍ରହ କରୁଛନ୍ତି ।

ଏ ବିଷୟରେ ସ୍ଥାନୀୟ ବିଧାୟକ କିମ୍ବା ସେଠାକାର ନେତାମାନଙ୍କୁ ମଧ ଏ ବିଷୟରେ କୌଣସି ସୂଚନା ଦିଆଯାଉ ନାହିଁ । ଏପରିକି ସରକାରୀ ଦଳ ପକ୍ଷରୁ ନିୟୋଜିତ ଥିବା ସଂସ୍ଥା ସରକାରଙ୍କ କେଉଁ ଯୋଜନାକୁ ଲୋକମାନେ ପସନ୍ଦ କରୁଛନ୍ତି, କେଉଁ କାର୍ଯ୍ୟକ୍ରମକୁ ବିରୋଧ କରୁଛନ୍ତି ସେହି ସମ୍ବନ୍ଧୀୟ ରିପୋର୍ଟ ମଧ ସଂଗ୍ରହ କରୁଛନ୍ତି । ସେହିପରି ଭାଜପା ପକ୍ଷରୁ ଭରାହେ ନାମକ ଯେଉଁ ସଂସ୍ଥାକୁ ଓଡ଼ିଶା ପାଇଁ ନିୟୋଜିତ କରାଯାଇଛି, ତାହା ସେହି ଦଳର କେନ୍ଦ୍ରୀୟ ନେତାଙ୍କ ଦ୍ୱାରା ପରିଚାଳିତ ହେଉଛି । ଏହି ସଂସ୍ଥା ଓଡ଼ିଶାରେ କେତେଜଣ ଯୁବକଙ୍କୁ ଏହି କାମରେ ନିୟୋଜିତ କରି କାମ କରୁଛି । ପ୍ରତ୍ୟେକ ଲୋକ ସଭା କ୍ଷେତ୍ର ପାଇଁ ଟିମ୍ ଗଠନକରି ଏହି ସଂସ୍ଥା ନିଜର ସର୍ଭେ ଚଳାଇଛି । ଓଡ଼ିଶାରେ ବିଜେଡି ବିରୋଧରେ ଥିବା ଜନମତ ଏବଂ ଭାଜପାର କେଉଁଠି କାହାକୁ ପ୍ରାର୍ଥୀ କରାଯିବ, ସେସବୁର ରିପୋର୍ଟ ଏକ ପ୍ରକାର ପ୍ରସ୍ତୁତ ସରିଥିବା ଏକ ସୂତ୍ରରୁ ଜଣାପଡ଼ିଛି । ଏଆଇସିସି ଇନସିଭ ମାଇଣ୍ଡ ନାମକ ସଂସ୍ଥାକୁ ଓଡ଼ିଶା ପାଇଁ ନିୟୋଜିତ କରି ଦଳୀୟ ଲକ୍ଷ୍ୟ ହାସଲ ଦିଗରେ ଲାଗି ପଡ଼ିଛି । କେବଳ ଏତିକି ନୁହେଁ, ବହୁ ଏମ୍ପି, କେନ୍ଦ୍ରମନ୍ତ୍ରୀ ଏବଂ ରାଜ୍ୟର କେତେଜଣ ମନ୍ତ୍ରୀ ନିଜସ୍ୱ ପକେଟ୍‌ରୁ ଅର୍ଥ ଖର୍ଚ୍ଚକରି ବ୍ୟକ୍ତିଗତ ଭାବେ କିଛି ସର୍ଭେ ସଂସ୍ଥାଙ୍କୁ ନିୟୋଜିତ କରିଛନ୍ତି । ଯେଉଁ ସ୍ଥାନରେ ସେମାନେ ନିର୍ବାଚନ ଲଢ଼ିବାକୁ ମନସ୍ଥ କରିଛନ୍ତି, ସେହି ନିର୍ବାଚନମଣ୍ଡଳୀ ଲାଗି ସେଗୁଡ଼ିକୁ ନିୟୋଜିତ କରିଛନ୍ତି । ଏହି ସଂସ୍ଥାର ରିପୋର୍ଟ ଉପରେ ସେମାନେ ବ୍ୟକ୍ତିଗତ ସ୍ତରରେ ଏକ ପ୍ରକାର ନିର୍ଭରଶୀଳ ହୋଇ ରହିଛନ୍ତି । ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ରିପୋର୍ଟ ମୁତାବକ, ଉଦାହରଣ ସ୍ୱରୂପ ଯଦି ବି ରାଜ୍ୟକୁ ଭାଜପା ରାଷ୍ଟ୍ରୀୟ ଅଧକ୍ଷ ଜେ.ପି. ନଡ୍ଡା, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କାର୍ଯ୍ୟକ୍ରମ ରହେ, ସେମାନଙ୍କ କେଉଁଠି ହେବ, ସଭା ମଞ୍ଚରେ ଉକ୍ତ ନେତା କେଉଁ ସ୍ଥାନୀୟ ଠାକୁରଙ୍କ ନାମକୁ ଉଚ୍ଚାରଣ କରିବେ, କେଉଁ ସ୍ଥାନରେ ଗାଡ଼ିରୁ ଓହ୍ଲାଇ ହାତ ହଲାଇବେ, କ'ଣ ସ୍ଥାନୀୟ ଖାଦ୍ୟ ଖାଇବେ, ସେହି ଅଞ୍ଚଳର କେଉଁ ବିଶିଷ୍ଟ ବ୍ୟକ୍ତିଙ୍କୁ ପ୍ରଣାମ କରିବେ, କେଉଁ ବ୍ୟକ୍ତିଙ୍କ ନାମ ଉଦବୋଧନ ସମୟରେ ଉଚ୍ଚାରଣ କରିବେ, ଏସବୁ କଥା ସର୍ଭେ ସଂସ୍ଥା ଦ୍ୱାରା ସ୍ଥିର କରାଯାଇଥାଏ । ଏପରିକି ସେହି ବଡ଼ ନେତାମାନଙ୍କ ଭାଷଣର ଲେଖା ମଧ ସର୍ଭେ ସଂସ୍ଥା ଦ୍ୱାରା ପ୍ରସ୍ତୁତ କରାଯାଉଥିବା ଶୁଣିବାକୁ ମିଳୁଛି । ଏବେ ସାମାଜିକ ଗଣମାଧମରେ ଯେତେସବୁ ଆଇଡି ପ୍ରସ୍ତୁତକରି ବିଜେଡି, ଭାଜପା ଏବଂ କଂଗ୍ରେସ ବୁଲାଉଛନ୍ତି ସେସବୁ ମଧ ସର୍ଭେ ସଂସ୍ଥା ଦ୍ୱାରା ପରିଚାଳନା କରାଯାଉଛି ।

## ବିମଳ ପାଣ୍ଡିଆ ବିଶ୍ୱାତ୍ମ ଚେତନା ପରିଷଦର ସମ୍ପାଦକ ହେଲେ

ସମ୍ବଲପୁର: ବିଶ୍ୱାତ୍ମ ଚେତନା ପରିଷଦର ସମ୍ବଲପୁର ଶାଖାର ସଂପାଦକ ନନ୍ଦକିଶୋର ମିଶ୍ରଙ୍କ ବିୟୋଗରେ ପରମେଶ୍ୱର ଦାଶଙ୍କ ଅଧକ୍ଷତାରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସ୍ୱର୍ଗତ ଆତ୍ମାର ସଦ୍‌ଗତି ନିମିତ୍ତ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ପରେ ବରିଷ୍ଠ ସାମ୍ବାଦିକ ହେମନ୍ତ ମହାପାତ୍ର, ଶ୍ରୀମତୀ ଦେବଜାନୀ ମିଶ୍ର, ଲଳିତ ଶର୍ମା ପ୍ରମୁଖ ସ୍ୱର୍ଗତ ମିଶ୍ରଙ୍କର ସ୍ମୃତି ଚାରଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ବୈଠକରେ ସ୍ୱର୍ଗତ ମିଶ୍ରଙ୍କ ବିୟୋଗରେ ଖାଲି ପଡ଼ିଥିବା ସମ୍ପାଦକ ପଦବୀରେ ବିମଳ ପାଣ୍ଡିଆଙ୍କୁ ସର୍ବସମ୍ମତି କ୍ରମେ ସଚିବ ମନୋନୀତ କରାଯାଇଥିଲା । ଏହାଛଡ଼ା ଶ୍ରୀମତୀ ଛନ୍ଦାରାଣୀ ମହାପାତ୍ରଙ୍କୁ କାର୍ଯ୍ୟକାରୀ କମିଟିର ସଦସ୍ୟରୂପେ ମନୋନୀତ କରାଯାଇଥିଲା । ଏଥିରେ ପରିଷଦର ମୁଖ୍ୟ ଶାଖାର ସଚିବ ସ୍ୱାମୀ ସତ୍ୟବେଦାନନ୍ଦ ସରସ୍ୱତୀ, କୋଷାଧକ୍ଷ ସ୍ୱାମୀ ସତ୍ୟପ୍ରେମାନନ୍ଦ ସରସ୍ୱତୀ ଓ ଯୁଗ୍ମସଚିବ ସନ୍ତୋଷ ମିଶ୍ର ପ୍ରମୁଖଙ୍କ ସମେତ ସଭ୍ୟ ସଭ୍ୟା ଉପସ୍ଥିତ ଥିଲେ ।

## ବିଧାନସଭାରେ ୨.୫୫ ଲକ୍ଷ କୋଟି ଟଙ୍କାର ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପିତ

ଭୁବନେଶ୍ୱର: ରାଜ୍ୟ ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ବିଧାନସଭାରେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ୨.୫୫ ଲକ୍ଷ କୋଟି ଟଙ୍କାର ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ କରିଛନ୍ତି । ଏହା ସହିତ ଏପ୍ରିଲରୁ ଜୁଲାଇ ପର୍ଯ୍ୟନ୍ତ ପ୍ରଥମ ୪ ମାସ ପାଇଁ ଏଥିରୁ ୧.୧୮ ଲକ୍ଷ କୋଟି ଟଙ୍କାର ଲେଖାନୁଦାନ (କାମଚଳା ବଜେଟ) ଆଗତ କରିଛନ୍ତି । ବଜେଟରେକୃଷି ଓ ଆନୁଷଙ୍ଗିକ କ୍ଷେତ୍ର, ଜଳସେଚନ, ସ୍ୱାସ୍ଥ୍ୟ, ଶିକ୍ଷା, କ୍ରୀଡ଼ା, ସାମାଜିକ ସୁରକ୍ଷା, ନଗର ଉନ୍ନୟନ, ସଡ଼କ ଓ ପରିବହନ, ପାନୀୟ ଜଳ ପରି କ୍ଷେତ୍ରକୁ ସର୍ବାଧିକ ଗୁରୁତ୍ୱ ପ୍ରଦାନ କରାଯାଇଛି । ୨୦୨୪-୨୫ ଆର୍ଥିକ ବର୍ଷର ପୂର୍ଣ୍ଣାଙ୍ଗ ବଜେଟ୍ ପରିମାଣ ୨.୫୫ ଲକ୍ଷ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ଓ ଏହା ମୋଟ ରାଜ୍ୟ ଜିଡିପିର ୨୭.୫ ପ୍ରତିଶତ । ଅନୁରୂପ ଭାବରେ ଅର୍ଥମନ୍ତ୍ରୀ ଆଗତ କରିଥିବା ବଜେଟ୍ ପୂର୍ବବର୍ଷ ବଜେଟ ୨୦୨୩-୨୪ ବର୍ଷ ତୁଳନାରେ ୧୧ ପ୍ରତିଶତ ଅଧିକ । ଏହି ବଜେଟ ରାଜସ୍ୱ ବଳକା ହୋଇଥିବା ବେଳେ ବିତ୍ତୀୟ ନିଅଣ୍ଟକୁ ମୋଟ୍ ଜିଡିପିର ୩ ପ୍ରତିଶତ ମଧରେ ସୀମିତ ରଖାଯାଇଛି ।

## ଯୁବୋଦୟ ପ୍ରତିଷ୍ଠାତା ପ୍ରିୟଲତା ଦାଶଙ୍କ ପରଲୋକ



ବଲାଙ୍ଗୀର: ଅଗ୍ରଣୀ ଶିକ୍ଷାନୁଷ୍ଠାନ ଯୁବୋଦୟର ଅନ୍ୟତମ ପ୍ରତିଷ୍ଠାତା ତଥା ଭୁବନେଶ୍ୱର ଟଙ୍କପାଣି ରୋଡ଼ ନିବାସୀ ଅବସରପ୍ରାପ୍ତ ଇଞ୍ଜିନିୟର ଅଭିରାମ ଦାଶଙ୍କ ସ୍ତ୍ରୀ ପ୍ରିୟଲତା ଦାଶ (୭୬)ଙ୍କ ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ଏକମାତ୍ର ପୁତ୍ର ଅମ୍ବରୀଶ, ପୁତ୍ରବଧୂ, ୩ ଝିଅ, ଜ୍ୱାଇଁ, ଦୁଇନାତି ଉପସ୍ଥିତ ଥିଲେ । ସ୍ୱର୍ଗତା ଦାଶଙ୍କ ଭାଗବତ ଓ ପୁରାଣ ଶାସ୍ତ୍ର ଉପରେ ପାଣ୍ଡିତ୍ୟ ରହିଥିଲା । ଅବିଭକ୍ତ ବଲାଙ୍ଗୀର ଜିଲ୍ଲାରେ ଜନ୍ମଗ୍ରହଣ କରିଥିବା ସ୍ୱର୍ଗତା ଦାଶ ଯୁବୋଦୟର ଅନ୍ୟତମ ପ୍ରତିଷ୍ଠାତା ଭାବେ କାର୍ଯ୍ୟ କରି ଶିକ୍ଷାର ବିକାଶ ପାଇଁ ପ୍ରୟାସ କରୁଥିଲେ । ତାଙ୍କରି ପ୍ରେରଣାରେ ଯୁବୋଦୟ ଯୁକ୍ତ୨ ଓ ଯୁକ୍ତ ୩ ବିଜ୍ଞାନ କଲେଜ, ଇଂଲିଶ ମିଡିୟମ ସ୍କୁଲ ଏବଂ ବୈଷୟିକ କଲେଜ ପ୍ରତିଷ୍ଠା ହୋଇଛି । ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି । ପୁତ୍ର ଅମ୍ବରୀଶ ମୁଖାଗ୍ନି ଦେଇଥିଲେ ।

## କନକପ୍ରଭା ରାୟଗୁରୁଙ୍କ ପରଲୋକ

ସମ୍ବଲପୁର: ଅବସରପ୍ରାପ୍ତ ଜିଲ୍ଲା ସୂଚନା ଓ ଜନସମ୍ପର୍କ ଅଧିକାରୀ ସ୍ୱର୍ଗତ ଯଜ୍ଞେଶ୍ୱର ରାୟଗୁରୁଙ୍କ ପତ୍ନୀ କନକପ୍ରଭା ରାୟଗୁରୁଙ୍କ ସ୍ଥାନୀୟ ସାକ୍ଷୀପଡ଼ା ସ୍ଥିତ ନିଜ ବାସଭବନରେ ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୮୩ ବର୍ଷ ବୟସ ହେଉଥିଲା । ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ । କନକପ୍ରଭା ଜଣେ ଧର୍ମପରାୟଣା, ମିଷ୍ଟଭାଷୀ ମହିଳା ଥିଲେ । ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ତିନି ପୁଅ ମାନବେନ୍ଦ୍ର, ଅମରେନ୍ଦ୍ର, ବଟକୃଷ୍ଣ, ଝିଅ, ଜ୍ୱାଇଁ, ତିନି ପୁତ୍ରବଧୂ ଓ ନାତିନାତୁଣୀ ଉପସ୍ଥିତ ଥିଲେ । ସ୍ଥାନୀୟ ରାଜଘାଟରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି । ବଡ଼ପୁଅ ମାନବେନ୍ଦ୍ର ମୁଖାଗ୍ନି ଦେଇଥିଲେ ।

## ଲଢ଼ିବାର ବଳ ଭାଙ୍ଗିଦେଲେ ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶର ସାଧାରଣ ନିର୍ବାଚନ ଓ ରାଜ୍ୟର ବିଧାନସଭା ନିର୍ବାଚନ ଅବ୍ୟବହିତ ପୂର୍ବରୁ ଗତ ୩ ତାରିଖ ଦିନ ଓଡ଼ିଶା ଗସ୍ତରେ ଆସିଥିଲେ । ସମ୍ବଲପୁରରେ ଦୁଇ ଦୁଇଟି ସଭା କରି ତାଙ୍କର ଉଦବୋଧନ ରଖିଲେ । ରାଜନୀତିର ମହଲ ଆଶା କରିଥିଲା ନିର୍ବାଚନ ପୂର୍ବରୁ ଆସୁଥିବା ପ୍ରଧାନମନ୍ତ୍ରୀ ଦଳ ପାଇଁ ନୂଆ ବିଗୁଲ ବଜାଇବେ । ବିଜେଡି ଓ କଂଗ୍ରେସ ବିରୋଧରେ ଦଳକୁ ବଳ ଦେବେ ।

ସେମିତି କିଛି ହେଲା ନାହିଁ । ପ୍ରଧାନମନ୍ତ୍ରୀ ଆସିଲେ ଓ ଗଲେ । ମାତ୍ର ଯାହା କହିଗଲେ ବା ଯେଉଁ ଚିତ୍ର ଦେଇଗଲେ ସେଥିରେ କେବଳ ବିଜେପିର ଲଢ଼ିବାର ବଳ ଭାଙ୍ଗିଗଲା । ବିଜେଡି ବିରୋଧରେ ବିଷୋଦଗାର କରି, ରାସ୍ତାକୁ ଓହ୍ଲାଇ ସାରା ରାଜ୍ୟରେ ରାଜ୍ୟ ବିଜେପି ନେତା- କାର୍ଯ୍ୟକର୍ତ୍ତା- କର୍ମୀ ଯେଉଁଭଳି ଲଢ଼େଇର ଉଦ୍‌ଘୋଷଣା କରୁଥିଲେ ସେଥିରେ ପ୍ରଧାନମନ୍ତ୍ରୀ ପାଣି ପକାଇ ଦେଲେ ।

ବିଜେଡି ସରକାର ବିରୋଧରେ ପ୍ରଧାନମନ୍ତ୍ରୀ ଗୋଟିଏ ପଦ ବି କହିଲେ ନାହିଁ । ଓଡ଼ିଶାରେ ଲଢ଼େଇ ଯେତେବେଳେ ସିଧାସଳଖ ବିଜେଡି- ବିଜେପି ହେଉଛି ସେତେବେଳେ ପ୍ରଧାନମନ୍ତ୍ରୀଙ୍କ ଏହି ଗସ୍ତରେ ବିଜେଡି ପ୍ରତି ମିତ୍ରତାର ମନୋଭାବ ଓ ବିଜେଡି ସୁପ୍ରିମୋ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ 'ମୋର ବନ୍ଧୁ' କହି ମଞ୍ଚରେ କରମର୍ଦ୍ଦନ ଭିନ୍ନ ବାର୍ତ୍ତା ଦେଲା । ବିଜେପି ଯେ ବିଜେଡି ବିରୋଧରେ ଲଢ଼ିବା ନିଷ୍ପତ୍ତିରେ ନାହିଁ ଏହା ଯେମିତି ପ୍ରଧାନମନ୍ତ୍ରୀ କହିଗଲେ । ସେହିପରି ଆଇ.ଆଇ.ଏମ୍ ସ୍ଥାୟୀ କ୍ୟାମ୍ପସ ଲୋକାର୍ପଣ ମଞ୍ଚରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭୂୟସୀ ପ୍ରଶଂସା କରିଛନ୍ତି । ଭାରତବର୍ଷକୁ ଏକ ନୂତନ ମାର୍ଗରେ ପ୍ରଧାନମନ୍ତ୍ରୀ ନେଉଥିବା ମୁଖ୍ୟମନ୍ତ୍ରୀ କହିବା ସହ ଓଡ଼ିଶା ଯେତେବେଳେ ପ୍ରଥମ ବିଶ୍ୱଓଡ଼ିଆ ଭାଷା ସମ୍ମିଳନୀର ଆୟୋଜନ କରିଛି ସେତେବେଳେ ଓଡ଼ିଶାରେ ପ୍ରଧାନମନ୍ତ୍ରୀଙ୍କୁ ପାଇବା ଏକ ସୌଭାଗ୍ୟ ବୋଲି କହିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତ ଲାଗି ଏକ ନୂତନ ମାର୍ଗ ପ୍ରସ୍ତୁତ କରିଛନ୍ତି ଏବଂ ଆମେ ସେହି ମାର୍ଗରେ ଅର୍ଥନୀତିର ଏକ ଶକ୍ତିକେନ୍ଦ୍ର ହେବାକୁ ଯାଉଛୁ । ବ୍ୟସ୍ତବହୁଳ ଜୀବନ ଭିତରେ ପ୍ରଧାନମନ୍ତ୍ରୀ ଓଡ଼ିଶା ଆସିଥିବାରୁ ଏବଂ ସମ୍ବଲପୁର ଆଇଆଇଏମର ସ୍ଥାୟୀ କ୍ୟାମ୍ପସ ଲୋକାର୍ପଣ ଉତ୍ସବରେ ଯୋଗ ଦେଇଥିବାରୁ ମୁଖ୍ୟମନ୍ତ୍ରୀ ତାଙ୍କୁ ଧନ୍ୟବାଦ ଜଣାଇବା ସହ ଓଡ଼ିଶାକୁ ସ୍ୱାଗତ କରିଥିଲେ । ରାଜନୀତିର ବିଶ୍ଳେଷକମାନଙ୍କ ମତରେ ମୁଖ୍ୟମନ୍ତ୍ରୀଙ୍କ ସହ ପ୍ରଧାନମନ୍ତ୍ରୀଙ୍କ କରମର୍ଦ୍ଦନ ଏବଂ ମଞ୍ଚରେ ମୁଖ୍ୟମନ୍ତ୍ରୀଙ୍କୁ 'ମୋର ମିତ୍ର' ବୋଲି ସମ୍ବୋଧନ ତଳସ୍ତରରେ ଦଳର କର୍ମୀ- କାର୍ଯ୍ୟକର୍ତ୍ତା- ନେତାଙ୍କ ମନୋବଳକୁ ଭାଙ୍ଗିଛି । ରାଜ୍ୟ ରାଜନୀତି ବିରୋଧ ଏବଂ ବିଷୋଦଗାରରେ ଚାଲେ । ସଦ୍‌ଭାବ- ସଂପର୍କ ଓ ସହାନୁଭୂତିରେ ଭୋଟ ହୁଏ ନାହିଁ । ମଞ୍ଚରେ ପ୍ରଧାନମନ୍ତ୍ରୀ-ମୁଖ୍ୟମନ୍ତ୍ରୀଙ୍କ ହାତ ମିଳାଇବା ଚିତ୍ର ଦେଖି ଲୋକେ ବାଃ ବାଃ କରୁଛନ୍ତି । କହୁଛନ୍ତି - ଉଭୟ ଦଳ ଏକ । ଗାଁରେ ଲଢ଼େଇ ମିଛ ।


### ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନଆରବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧମରେ ଜମା କରି ପାରିବେ ।

### Subscription Rate of The Sweekar

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

### Advertisement Tariff of The Sweekar

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra

# ଏସ୍‌ୟୁଆଇଆଇଟିର ଚତୁର୍ଦ୍ଦଶ ପ୍ରତିଷ୍ଠା ଦିବସ ପାଳିତ









ବୁର୍ଲା : ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅଧିନସ୍ଥ ସୁଇଟ୍‌ର ୧୪ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବିଧୁ ଭୂଷଣ ମିଶ୍ରଙ୍କ ଅଧକ୍ଷତାରେ ଏହି ଅବସରରେ ଆୟୋଜିତ ଉତ୍ସବରେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଡକ୍ଟର ପ୍ରମୋଦ କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ଭାରତର ବିକାଶରେ ବୈଷୟିକ ଶିକ୍ଷାନୁଷ୍ଠାନମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏଣୁ ଏହି ଶିକ୍ଷାନୁଷ୍ଠାନ ମାନେ ଗବେଷଣା ସାଙ୍ଗକୁ ଛାତ୍ରଛାତ୍ରୀମାନଙ୍କୁ ବ୍ୟବହାରିକ ଜ୍ଞାନ ଦେବା ଉପରେ ପ୍ରାଥମିକତା ଦେବାକୁ ସେ ପରାମର୍ଶ ଦେଇଥିଲେ । ଏହି ଅବସରରେ ଗବେଷଣାକୁ ପ୍ରୋତ୍ସାହିତ କରୁଥିବା ଭାରତ ସରକାରଙ୍କ ବିଭିନ୍ନ ପ୍ରକଳ୍ପ ସଂପର୍କରେ ଡକ୍ଟର ମିଶ୍ର ସୂଚନା ଦେଇଥିଲେ । ଅନୁଷ୍ଠାନର ନିର୍ଦ୍ଦେଶକ ବସନ୍ତ କୁମାର ମହାନ୍ତି ସ୍ୱାଗତ ଭାଷଣ ଦେଇଥିବା ବେଳେ ଷ୍ଟୁଡେଣ୍ଟ ୱେଲଫେୟାରର ଡିନ୍ ଡକ୍ଟର ସୁଦର୍ଶନ ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

## ବରପାଲି ମହାବିଦ୍ୟାଳୟରେ ଗ୍ରାମ୍ୟ ଋଣ ଉପରେ ପାଠଚକ୍ର




ବରପାଲି: ବରପାଲି ମହାବିଦ୍ୟାଳୟର ଅର୍ଥନୀତି ବିଭାଗ ପକ୍ଷରୁ 'ଭାରତୀୟ ଅର୍ଥ ବ୍ୟବସ୍ଥାରେ ଗ୍ରାମ୍ୟ ଋଣର ଉତ୍ସ ଓ ପ୍ରକାର' ଉପରେ ଏକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷ ସୁଶୀଳ କୁମାର ଶତପଥୀଙ୍କ ସଭାପତିତ୍ୱ ଓ ଅର୍ଥନୀତି ବିଭାଗ ମୁଖ୍ୟ ଭକ୍ତବନ୍ଧୁ ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଓଡିଶା ମୁକ୍ତ ବିଶ୍ୱ-ବିଦ୍ୟାଳୟର ଶୈକ୍ଷିକ ପରାମର୍ଶଦାତା ଡକ୍ଟର ଆଶିଷ ଦାଶ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଗ୍ରାମ୍ୟ ଋଣ ବ୍ୟବସ୍ଥାରେ ସଂଗଠିତ ଓ ଅସଂଗଠିତ ସଂସ୍ଥା ମାନଙ୍କର ଭୂମିକା, ବୈଶିଷ୍ଟ୍ୟ, ଉପକାରିତା ଓ ଅପକାରିତା ସମ୍ପର୍କରେ ବିଷଦ ଆଲୋଚନା କରିଥିଲେ । ଲରମ୍ଭା ମହାବିଦ୍ୟାଳୟର ଅଧାପକ ପବିତ୍ର ମାହାନା ମୁଖ୍ୟ ବକ୍ତା ରୂପେ ଯୋଗ ଦେଇ ପ୍ରାଥମିକ କୃଷି ସମବାୟ ସଂସ୍ଥାର ଭୂମିକା ତଥା ଗ୍ରାମ୍ୟ ଋଣ କ୍ଷେତ୍ରରେ ଏହାର ଯୋଗଦାନ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ମହା-ବିଦ୍ୟାଳୟର ଛାତ୍ର ନିପନ ବାରିକ, ଛାତ୍ରୀ କାଜଲ ସାହୁ, ଅଙ୍କିତା ସାହୁ ଓ ମିଲି ଚୌଧୁରୀ ସ୍ୱରଚିତ ପ୍ରବନ୍ଧ ପାଠ କରିଥିଲେ । ପ୍ରବନ୍ଧ ରଚନାରେ ଏହି ଛାତ୍ରଛାତ୍ରୀ ମାନଙ୍କୁ ବିଭାଗୀୟ ଅଧାପକ ଡକ୍ଟର ପାରେଶ୍ୱର ସାହୁ, ଭକ୍ତବନ୍ଧୁ ପ୍ରଧାନ ଓ ଅଧାପିକା ସୀମାଞ୍ଜଳି ଦାସ ମାର୍ଗଦର୍ଶନ କରିଥିଲେ । ଚନ୍ଦ୍ରକାନ୍ତ ବରିହାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମର ପ୍ରାରମ୍ଭରେ ଛାତ୍ରୀ ଦୀପ୍ତିମୟୀ ମେହେର, ଲକ୍ଷ୍ମୀପ୍ରିୟା ନାୟକ ଓ ଦୀପା ତାଣ୍ଡି ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ । ଶେଷରେ ଛାତ୍ର ନିହାର ରଞ୍ଜନ ହୋତା ଧନ୍ୟବାଦ ଅର୍ପଣ କରିଥିଲେ ।

## ଟିପିଡବ୍ଲୁଓଡିଏଲର ଡିଭିଜନ୍ କାର୍ଯ୍ୟାଳୟ ଉଦଘାଟିତ




ଝାରସୁଗୁଡ଼ା: ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଡବ୍ଲ୍ୟୁଓଡିଏଲ୍)ର ନୂତନ ଡିଭିଜନ୍ କାର୍ଯ୍ୟାଳୟ ଗୃହ ଉଦ୍‌ଘାଟିତ ହୋଇଛି । ଟିପିଡବ୍ଲ୍ୟୁଓଡିଏଲର କାର୍ଯ୍ୟନିର୍ବାହୀ ଅଧିକାରୀ ଗଜାନନ କାଲେ ତଥା କମ୍ପାନୀର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀଙ୍କ ଉପସ୍ଥିତିରେ ଟାଟା ପାୱାର କମ୍ପାନୀର ପ୍ରସାରଣ ଏବଂ ବଣ୍ଟନ ବିଭାଗର ସଭାପତି ସଞ୍ଜୟ ବାଙ୍ଗା ଉଦଘାଟନ କରିଛନ୍ତି । ଶ୍ରୀ ବାଙ୍ଗା କହିଛନ୍ତି ଯେ, ଏହି କାର୍ଯ୍ୟାଳୟ ଗୃହକୁ ଆଧୁନିକ ଭିତ୍ତିଭୂମି ଏବଂ ଜ୍ଞାନକୌଶଳ ସହିତ ନିର୍ମାଣ କରାଯାଇଛି, ଯାହା କର୍ମଚାରୀମାନଙ୍କୁ ଅନେକ ମୌଳିକ ସୁବିଧା ପ୍ରଦାନ କରିବା ସହ କର୍ମଚାରୀଙ୍କ କାର୍ଯ୍ୟଦକ୍ଷତା ବୃଦ୍ଧି ଘଟାଇବ । ଯାହାଫଳରେ ଜିଲ୍ଲାରେ ଗ୍ରାହକ ସେବା ଗୁଣାତ୍ମକ ହେବା ସହିତ ଅଧିକରୁ ଅଧିକ ଉନ୍ନତ ହେବ । କାର୍ଯ୍ୟନିର୍ବାହୀ ଅଧିକାରୀ ଗଜାନନ କାଲେ କହିଥିଲେ ଯେ, ଝାରସୁଗୁଡା ଜିଲ୍ଲାର କ୍ଷୁଦ୍ର ଏବଂ ମଧମ ଶିଳ୍ପର କେନ୍ଦ୍ର ଅଟେ । ତେଣୁ ସମସ୍ତ ଶିଳ୍ପ ସଂସ୍ଥା ମାନଙ୍କରେ ବିଦ୍ୟୁତ୍ ସେବାକୁ ଅଧିକରୁ ଅଧିକ ମଜବୁତ କରିବା ପାଇଁ ଅଗ୍ରାଧିକାର ଦିଆଯାଉଛି ।

## ସମ୍ବଲପୁରରେ ନୂଆ ଅତିରିକ୍ତ ଜିଲ୍ଲାପାଳ ଯୋଗଦେଲେ

ସମ୍ବଲପୁର: ସମ୍ବିତ କୁମାର ଗରନାୟକ ନୂତନ ଅତିରିକ୍ତ ଜିଲ୍ଲାପାଳ ଭାବେ ଯୋଗ ଦେଇଛନ୍ତି । ପୂର୍ବରୁ ସେ ଭୁବନେଶ୍ୱର ଠାରେ ଲ୍ୟାଣ୍ଡ



ଅଫିସର ଭାବେ କାର୍ଯ୍ୟରତ ଥିଲେ । ସେ ବିଦାୟୀ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରଦୀପ କୁମାର ସାହୁଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି । ଶ୍ରୀ ପ୍ରଦୀପ କୁମାର ସାହୁ ଓଡିଶା ସରକାରଙ୍କ କୃଷି ଓ ସଶକ୍ତିକରଣ ବିଭାଗର ଅତିରିକ୍ତ ସଚିବ ଭାବେ ବଦଳି ହୋଇଛନ୍ତି ।

## ଏନ୍‌ଏଲ୍‌ସି ଇଣ୍ଡିଆ ପକ୍ଷରୁ ବିସ୍ଥାପିତଙ୍କୁ କମ୍ବଳ ଓ ମଶାରୀ ବଣ୍ଟନ

ଝାରସୁଗୁଡ଼ା : ଏନ୍‌ଏଲ୍‌ସି ଇଣ୍ଡିଆ ପକ୍ଷରୁ ତଳାବିରା ଦ୍ୱିତୀୟ ଏବଂ ତୃତୀୟ ଓପନ କାଷ୍ଟ ପ୍ରୋଜେକ୍ଟରେ କ୍ଷତିଗ୍ରସ୍ତ ରାମପୁର, ଖଏତ୍ ଏବଂ ମଲଦା ଗ୍ରାମର ୪୦୮ ଜଣ ବିସ୍ଥାପିତ ଏବଂ ପେନସନ ଗ୍ରହୀତାଙ୍କୁ କମ୍ବଳ, ପାଣିବୋତଲ ଏବଂ ମଶାରୀ ବଣ୍ଟନ କରାଯାଇଥିଲା । ତଳାବିରା ପ୍ରୋଜେକ୍ଟର ମୁଖ୍ୟ ସି. ଦୟାନନ୍ଦ, ସରପଞ୍ଚ, କମ୍ପାନିର ମାନବ ସମ୍ବଳ ମୁଖ୍ୟ ନିରଜ କୁମାର ସିହ୍ନା, ଡିଜିଏମ୍ ସୁବ୍ରତ ବିଶ୍ୱାଳ, ଶଙ୍କର ପଣ୍ଡା ପ୍ରମୁଖ ଏଥିରେ ଯୋଗଦେଇ ଲୋକମାନଙ୍କୁ ବଣ୍ଟନ କରିଥିଲେ ।



## ପଶ୍ଚିମ ଓଡ଼ିଶା ସଂକୀର୍ତ୍ତନ ପରିଷଦର ପଦ୍ମପୁର ବ୍ଲକ ସମ୍ମିଳନୀ

ପଦ୍ମପୁର : ପଶ୍ଚିମ ଓଡ଼ିଶା ସଂକୀର୍ତ୍ତନ ପରିଷଦର ପଦ୍ମପୁର ବ୍ଲକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଅଭିରାମ ବାଗଙ୍କ ଅଧକ୍ଷତାରେ ଆୟୋଜିତ ଏହି ସମ୍ମିଳନୀରେ ପରିଷଦର ସଭାପତି ହେମନ୍ତ କୁମାର ମହାପାତ୍ର, ସଂପାଦକ ଲୋକନାଥ ମିଶ୍ର, ପ୍ରଭାରୀ ରାଧେ କୃଷ୍ଣ ପଣ୍ଡା, ବରଗଡ଼ ଜିଲ୍ଲା ସଂଯୋଜକ ଲଳିତ ଭୋଇ ଅତିଥି ରୂପେ ଯୋଗଦେଇ ସଂକୀର୍ତ୍ତନର ମହତ୍ତ୍ୱ ଓ ବର୍ତ୍ତମାନ ଯୁଗରେ ତା'ର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ । ସଂଯୋଜକ ସୁଶାନ୍ତ ସାହୁ ମଧ ଏଥିରେ ଯୋଗ ଦେଇଥିଲେ । ଏହି ଅବସରରେ ସଂକୀର୍ତ୍ତନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରହିଥିବା ଘନଶ୍ୟାମ ସାହୁ, ଦୁଃଖୀଶ୍ୟାମ ବିଶି, ସୁରେଶ ମେହେର,



ସୁଦର୍ଶନ ଭୋଇ, ସାଗର ସେଠ୍, ଲୋକନାଥ ବାରିକ, ଡିଙ୍ଗର ବାଗ୍, ସତ୍ୟକୁମାର ତରିଆ, ବଳି ନାୟକ ଓ ପ୍ରହଲ୍ଲାଦ ବାଗ ପ୍ରମୁଖଙ୍କୁ ପରିଷଦ ପକ୍ଷରୁ ସମ୍ମାନିତ କରାଯାଇଥିଲା । ଗଙ୍ଗାଧର ଚିରଗୁନ, ଅନନ୍ତ ନାରାୟଣ ମେହେର, ସଞ୍ଜୟ ପାତ୍ର, ଭକ୍ତବନ୍ଧୁ ରଣା ପ୍ରମୁଖ ସଭା ପରିଚାଳନାରେ ସହଯୋଗ କରିଥିଲେ ।

Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 0663- 2950945
e-mail: hemantamahapatra@yahoo.com Editor : Hemanta Kumar Mahapatra